

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୦ ଫେବୃୟାରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 10 FEBRUARY 2021

Vol.No. 31 ■ No. 39 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

୧.୭୦ ଲକ୍ଷ କୋଟିର ଚିଠା ବଜେଟକୁ ଅନୁମୋଦନ

ଭୁବନେଶ୍ୱର, ୦୯।୦୨ (ନି.ପ୍ର): କ'ଣ ରହିବ ବଜେଟର ରୂପରେଖ ? ବଜେଟରେ କାହାକୁ ମିଳିବ କେତେ ? ଆସନ୍ତା ୨୨ ତାରିଖରେ ଆସିବାକୁ ଯାଉଛି ରାଜ୍ୟ ବଜେଟ । କରୋନା ଯୋଗୁଁ ଦେଶ ତଥା ରାଜ୍ୟର ଆର୍ଥିକ ସ୍ଥିତି ଦୋହଲିଯାଇଛି, କେନ୍ଦ୍ରୀୟ ଅଂଶଧନ ମଧ୍ୟ କମିଛି । ଆଉ ଏପରି ସମୟରେ ବିଧାନସଭାରେ ବଜେଟ ଉପସ୍ଥାପିତ ହେବାକୁ ଯାଉଛି । ଚଳିତ ଆର୍ଥିକ ବର୍ଷର ବଜେଟ ୧ଲକ୍ଷ ୭୦ହଜାର କୋଟି ଟଙ୍କା ଛୁଇଁବ ବୋଲି ଆକଳନ କରାଯାଉଛି । ଆଉ ଚଳିତ ବର୍ଷର ବ୍ୟୟବରାଦର ଭରଣା ପାଇଁ ଋଣ ଭାରରେ ଛନ୍ଦି ହେବେ ରାଜ୍ୟ ସରକାର । ମାର୍ଚ୍ଚ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ଦୋହଲି ଯାଇଥିଲା ଓଡ଼ିଶାର ଅର୍ଥନୀତି । ରାଜସ୍ୱ ସଂଗ୍ରହ ଉପରେ ପଡ଼ିଥିଲା କରୋନା ମାଡ଼ । ଅର୍ଥନୀତିକୁ ପୁଣି ଥରେ ବାଟକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାର ଏକାଧିକ ପ୍ୟାକେଜ୍ ମଧ୍ୟ ଘୋଷଣା କରିଥିଲେ । ଆଉ ଏଭଳି ସ୍ଥିତି ଭିତରେ ଆସନ୍ତା ୨୨ ତାରିଖରେ ବିଧାନସଭାରେ ଉପସ୍ଥାପିତ ହେବାକୁ ଯାଉଛି ବଜେଟ୍ । ମନ୍ତ୍ରୀ ପରିଷଦ ବୈଠକରେ ୨୦୨୧-୨୨ ଆର୍ଥିକ ବର୍ଷ ବଜେଟର ଚିଠା ପ୍ରସ୍ତାବକୁ ମିଳିଛି ଅନୁମୋଦନ । ଏଥର ବଜେଟର ପରିମାଣ ପ୍ରାୟ ଏକ ଲକ୍ଷ ୭୦ ହଜାର କୋଟି ଛୁଇଁପାରେ । ଋଣ ଯନ୍ତାରେ ଓଡ଼ିଶା ! ୧ ଲକ୍ଷ କୋଟି ଟପିପାରେ ରାଜ୍ୟର ଋଣ ବୋଝ । ▶▶ପୃଷ୍ଠା ୭

୨୦୧୯-୨୦ ନବମ ଶ୍ରେଣୀ ଛାତ୍ରଛାତ୍ରୀ ଦେଇପାରିବେ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର,୦୯।୦୨ (ନି.ପ୍ର): ୨୦୧୯-୨୦ ଶିକ୍ଷାବର୍ଷରେ ନବମ ଶ୍ରେଣୀରେ ପଢୁଥିବା ସବୁ ଛାତ୍ରଛାତ୍ରୀ ୨୦୨୧ ମଇ ମାସରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବାର୍ଷିକ ସାର୍ଟିଫିଟେ୍ ପରୀକ୍ଷା ଦେଇପାରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏହା ସବୁ ଓଡ଼ିଆ ମାଧ୍ୟମ ପିଲାଙ୍କ ପାଇଁ ପ୍ରଯୁଜ୍ୟ ହେବ । ସୂଚନାଯୋଗ୍ୟ ଯେ, କୋଭିଡ଼ ଯୋଗୁଁ ରାଜ୍ୟର ସବୁ ଶିକ୍ଷାନୁଷ୍ଠାନ ମାର୍ଚ୍ଚ ୨୦୨୦ରୁ ବନ୍ଦ ରହିଥିଲା । ତେଣୁ ନବମ ଶ୍ରେଣୀର ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇପାରି ନଥିଲା । ପରବର୍ତ୍ତୀ ସମୟରେ ୨୦୨୧ ଜାନୁଆରୀରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବା ପାଇଁ କୋଭିଡ଼ ନିୟମାବଳୀ ପାଳନ କରି ସ୍କୁଲ ଖୋଲାଯାଇଛି । ତଥାପି ପିଲାମାନଙ୍କର ମାନସିକ ଚାପକୁ ଦୃଷ୍ଟିରେ ରଖିବ ସରକାର ଏହି ନିଷ୍ପତି ନେଇଛନ୍ତି ।

ବରିଷ୍ଠ କଂଗ୍ରେସ ନେତା ଗୁଲାମ୍ ନବୀ ଆଜାଦଙ୍କ ବିଦାୟୀ ଦିନରେ ମୋଦିଙ୍କ ଆଖିରେ ଲୁହ

୨୦୦୭ ଆତଙ୍କୀ ଆକ୍ରମଣ ଘଟଣାରେ ଆଜାଦଙ୍କ ଭୂମିକା ମନେ ପକାଇ ହେଲେ ଭାବବିହ୍ୱଳ

ନୂଆଦିଲ୍ଲୀ,୦୯।୦୨: ବରିଷ୍ଠ କଂଗ୍ରେସ ନେତା ଗୁଲାମନବୀ ଆଜାଦଙ୍କ ବିଦାୟୀ ଦିନରେ ରାଜ୍ୟସଭାରେ କାନ୍ଦି ପକାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରୋକି ପାରିଲେନି ଲୁହ । ୨୦୦୭ ମସିହାର ଜମ୍ମୁକାଶ୍ମୀରର ଏକ ଆତଙ୍କବାଦୀ ଆକ୍ରମଣ ବେଳେ ଗୁଲାମ ନବୀ କରିଥିବା ସହାୟତା ମନେପକାଇ ହେଲେ ଭାବବିହ୍ୱଳ । କହିଲେ, ରାଜନୈତିକ ବିଚାରଧାରାର ମତଭେଦ ଠାରୁ ଉର୍ଦ୍ଧରେ ବନ୍ଧୁତା । ଜୁଲାଇ ୨୦୦୭, କଶ୍ମୀର । ଗୁଜରାଟରୁ କଶ୍ମୀର ବୁଲିବାକୁ ଯାଇଥିବା ଏକ ଟୁରିଷ୍ଟ ବସ ଉପରେ ଆତଙ୍କବାଦୀମାନେ ହମଲା କରିଦେବା ପରେ ଚାରିଆଡେ ଶୋକର ଛାୟା ଖେଳିଗଲା । କିଏ ମାକୁ ହରାଇଲା, ଆଉ କିଏ ବାପା । ସେତେବେଳେ ଜମ୍ମୁକଶ୍ମୀରର ମୁଖ୍ୟମନ୍ତ୍ରୀ ଥାନ୍ତି ଗୁଲାମ ନବୀ ଆଜାଦ । ନିଜେ ଆଜାଦ ଘଟଣାସ୍ଥଳରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଉଥିଲେ । ମଙ୍ଗଳବାର ରାଜ୍ୟସଭାରୁ ବିଦାୟ ▶▶ପୃଷ୍ଠା ୭

ଆସନ୍ତାକାଲି ବିଶ୍ୱ ଦୀର୍ଘସ୍ଥାୟୀ ବିକାଶ ସମ୍ମିଳନୀ ୨୦୨୧ କୁ ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୯।୦୨ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଫେବୃଆରୀ ୧୦ ତାରିଖ ଅପରାହ୍ନ ୬.୩୦ରେ ବିଶ୍ୱ ଦୀର୍ଘସ୍ଥାୟୀ ବିକାଶ ସମ୍ମିଳନୀ ୨୦୨୧ କୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିବେ । ସମ୍ମିଳନୀର ବିଷୟବସ୍ତୁ ହେଉଛି ' ଆମ ଭବିଷ୍ୟତର ପୁନଃ ନିର୍ଦ୍ଧାରଣ: ସମସ୍ତଙ୍କ ପାଇଁ ନିରାପଦ ଏବଂ ସୁରକ୍ଷିତ ପରିବେଶ' । ଏହି ଅବସରରେ ▶▶ପୃଷ୍ଠା ୭

ଫେବୃଆରୀ ୧୫ରେ କଂଗ୍ରେସର ଓଡିଶା ବନ୍ଦ ଡାକରା

ଭୁବନେଶ୍ୱର,୦୯।୦୨ (ନି.ପ୍ର): ପେଟ୍ରୋଲ ଓ ଡିଜେଲ ଦରରେ ଅହେତୁକ ବୃଦ୍ଧି ପ୍ରତିବାଦରେ ଆସନ୍ତା ଫେବୃଆରୀ ୧୫ ତାରିଖରେ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ତେଲ ଓ ଗ୍ୟାସ୍ ଦର ବୃଦ୍ଧି, କୋଟିଆ ଓ ମହାନଦୀ ବିବାଦ ,ମାହାଙ୍ଗା ରାଜନୈତିକ ହତ୍ୟା ମାମଲାରେ ୧୫ ତାରିଖ ଦିନ ସକାଳ ୭ଟାରୁ ଦିନ ୧ଟା ଯାଏଁ ଓଡ଼ିଶା ବନ୍ଦ ପାଳନ ପାଇଁ ଆହ୍ୱାନ ଦେଇଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ଓଡ଼ିଶାର ସ୍ୱାର୍ଥ ପାଇଁ ରାଜ୍ୟବାସୀ ଏହି ବନ୍ଦକୁ ସହଯୋଗ କରନ୍ତୁ ବୋଲି ପିସିସି ସଭାପତି କହିଛନ୍ତି । ମଙ୍ଗଳବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ କରୋନା ପରଠାରୁ ଲଗାତାର ଭାବେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିଚାଲିଛି । ରାଜଧାନୀ ଭୁବନେଶ୍ୱରରେ ପେଟ୍ରୋଲ ଦର ୮୭ ଟଙ୍କା ଟପିଥିବା ବେଳେ ମାଲକାନଗିରିରେ ଏହା ୯୦ ଟପିଲାଣି । ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ପକେଟ ଉପରେ ପଡୁଛି । ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଫଳରେ ବିଭିନ୍ନ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଉଛି । ଯାହା ଉଭୟ ମଧ୍ୟବିତ ଓ ଗରିବ ଲୋକଙ୍କ ପାଇଁ ଅସହ୍ୟ ହୋଇ ପଡ଼ିଛି । ଏଭଳି ସ୍ଥଳେ କଂଗ୍ରେସ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତି ନେଇଛି । ଏପରିକି ରାଜ୍ୟର ସ୍ୱାର୍ଥ ଓ ଜନସଚେତନତା ଦୃଷ୍ଟିରୁ ଏହି ବନ୍ଦରେ ସାମିଲ ହେବାକୁ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଛନ୍ତି ନିରଞ୍ଜନ ପଟ୍ଟନାୟକ । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ ଉପସ୍ଥିତ ଥିଲେ ।

ବିହାର ନୀତିଶ ସରକାରର ମନ୍ତ୍ରୀମଣ୍ଡଳ ସଂପ୍ରସାରଣ

ଆଉ ୧୭ ନେତା ପାଇଲେ ମନ୍ତ୍ରୀ ପଦ, ଶହନବାଜ୍ ହୁସେନଙ୍କୁ ଉଦ୍ୟୋଗ ବିଭାଗର ଦାୟିତ୍ୱ

ନୂଆଦିଲ୍ଲୀ,୦୯।୦୨: ବିହାରରେ ନୀତିଶ ସରକାର ନିଜର ମନ୍ତ୍ରୀମଣ୍ଡଳର ବିସ୍ତାର କରିଛି । ମଙ୍ଗଳବାର ଆଉ ୧୭ ଜଣ ନେତା ନୀତିଶ ସରକାରରେ ମନ୍ତ୍ରୀ ପଦ ପାଇବା ସହିତ ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ଭାଳିବା ଆରମ୍ଭ କରିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜେପି ନେତା ଶହନବାଜ୍ ହୁସେନଙ୍କୁ ନୀତିଶ ମନ୍ତ୍ରୀମଣ୍ଡଳରେ ଉଦ୍ୟୋଗ ବିଭାଗର ମନ୍ତ୍ରୀ ଭାବେ ସାମିଲ କରାଯାଇଛି । ଆଜି ଶପଥ ଗ୍ରହଣ କରିଥିବା ୧୭ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣ ବିଜେପିରୁ ହୋଇଥିବାବେଳେ ବାକି ୮ ଜଣ ଜେଡିୟୁର ବୋଲି ଜଣାପଡିଛି । ସେମାନଙ୍କ ଭିତରେ ଜେଡିୟୁ ନେତା ମଦନ ସହନୀଙ୍କୁ ସମାଜ କଲ୍ୟାଣ ବିଭାଗର ମନ୍ତ୍ରୀ, ସଂଜୟ ଝାଙ୍କୁ ଜଳ ସଂଶାଧନ ବିଭାଗ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦାୟିତ୍ୱ ମିଳିଛି । ସେହିଭଳି ସୁଶାନ୍ତ ସିଂହ ରାଜପୁତଙ୍କ ଭାଇ ନୀରଜ କୁମାରଙ୍କୁ ପର୍ଯ୍ୟାବରଣ ବିଭାଗର-ଦାୟିତ୍ୱ ଦିଆଯାଇଛି । ଗତ ବିଧାନସଭା ନିର୍ବାଚନରେ ବିହାରରେ ବିଜେପି ଓ ଜେଡିୟୁ ମେଣ୍ଟ ସଫଳତା ପାଇଥିଲା । ଏହାପରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ପୁଣି ଦାୟିତ୍ୱ ସମ୍ଭାଳିଥିଲେ । ସେତେବେଳେ ନୀତିଶଙ୍କ ସହ ୧୫ ଜଣ ମନ୍ତ୍ରୀ ଶପଥ ନେଇଥିଲେ । ଏବେ ବିହାରରେ ମନ୍ତ୍ରୀମଣ୍ଡଳର ବିସ୍ତାର ହେବା ସହିତ ଆଉ ୧୭ ଜଣ ନେତା ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ।

୨୪ ଘଂଟାରେ ୩ ଜିଲ୍ଲାରେ ପ୍ରବଳ ଶୀତ ଆଶଙ୍କା

ଭୁବନେଶ୍ୱର,୦୯।୦୨ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୩ ଜିଲ୍ଲାରେ ପ୍ରବଳ ଶୀତ ଅନୁଭୂତ ହୋଇପାରେ । ଶୀତ ଲହରୀ ନେଇ କଳାହାଣ୍ଡି , କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ବୁଧବାର ସକାଳ ସାଢେ ୮ ପର୍ଯ୍ୟନ୍ତ ଉପରୋକ୍ତ ଜିଲ୍ଲାବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ଏଥିସହ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ମ୍ୟୁନିସପାଲ କମିଶନରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏସଆରସି । ଭୀଷଣ ଥଣ୍ଡା ସମୟରେ ଘର ଭିତରେ ରହିବା ଏବଂ ରାତି ସମୟରେ ଖୋଲା ଗାଡିରେ ବାହାରକୁ ନଯିବାକୁ ଏସଆରସି ପରାମର୍ଶ ଦେଇଛନ୍ତି । ବାସହୀନ ଲୋକଙ୍କ ପାଇଁ ସ୍କୁଲ ଘର ଓ କମ୍ୟୁନିଟି ବିଲ୍ଡିଂ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି ।

ଦୂତୀ ଚାନ୍ଦଙ୍କୁ ଅଭିନନ୍ଦନ ଜଣାଇଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୦୯।୦୨ (ନି.ପ୍ର): ବିବିସି ସ୍ପୋର୍ଟସ ଓମେନ ଅଫ ଦି ଇୟର ଘୋଷଣା ପରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଶିଷ୍ଟ ଧାବିକା ଦୂତୀ ଚାନ୍ଦଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହାବାଦ ସେ ରାନୀ ରାମପାଲ, ମନୁ ଭାକର, ବିନେଶ ଫୋଗଟ, କୋନେରୁ ହମ୍ପିଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି ।

ଉତ୍ତରାଖଣ୍ଡରେ ନିଖୋଜ ଓଡ଼ିଆ ଯୁବକଙ୍କ ମିଳୁନି ପତ୍ତା

ହିମସ୍ଖଳନ ଖବର ପରେ ରେଣୀ ବ୍ୟାରେଜ ପ୍ରକଳ୍ପ ଅଧିକାରୀଙ୍କ ସହ କଥା ହୋଇଥିଲେ ସ୍ତ୍ରୀ

ଭୁବନେଶ୍ୱର,୦୯।୦୨ (ନି.ପ୍ର): ଉତ୍ତରାଖଣ୍ଡ ହିମସ୍ଖଳନରେ ଭଦ୍ରକ ଜିଲ୍ଲା ଧାମରା ଅଂଚଳର ଜଣେ ଯୁବକ ନିଖୋଜ ହୋଇଛନ୍ତି । ବାଂଶଡା ଥାନା ଯଶିପୁର ପଂଚାୟତ କୁଦରକାନ୍ଥି ଗାଁର ରବି ଦାସଙ୍କ ପୁଅ ନାଗାର୍ଜୁନ ଦାସଙ୍କ ମିଳୁନି ପତ୍ତା । ଉତରାଖଣ୍ଡ ଋଷିଗଙ୍ଗା ଶକ୍ତି ପ୍ରକଳ୍ପ ଅନ୍ତର୍ଗତ ତପୋବନର ରେଣୀ ବ୍ୟାରେଜ୍ରେ ନାଗାର୍ଜୁନ ୨୦୨୦ ନଭେମ୍ବର ୫ ତାରିଖଠାରୁ ଡ୍ରୋଜର ଡ୍ରାଇଭର ଭାବେ କାମ କରୁଥିଲେ । ରବିବାର ହୋଇଥିବା ଭୟଙ୍କର ହିମସ୍ଖଳନରେ ଶତାଧିକ ଶ୍ରମିକ ନିଖୋଜ ହୋଇଯାଇଥିବା ବେଳେ ନାଗାର୍ଜୁନ ମଧ୍ୟ ଭାସି ଯାଇଥିବା ଅନୁମାନ କରାଯାଉଛି । ▶▶ପୃଷ୍ଠା ୭

କୋଷ୍ଟାଲ ହାଇୱେକୁ ନେଇ ସଞ୍ଜୟ ଦାସବର୍ମାଙ୍କ ଉଦବେଗ

ଭୁବନେଶ୍ୱର,୦୯।୦୨ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ରାଜ୍ୟସଭାରେ ଗୋପାଳପୁର-ଦୀଘା କୋଷ୍ଟାଲ ହାଇୱେକୁ ୪୩୦ କିମି ପରିବର୍ତ୍ତେ ୩୮୨କିମି ହେବା ସମ୍ପର୍କିତ ଉତରରେ ବ୍ରହ୍ମଗିରିର ପୂର୍ବତନ ବିଜେଡି ▶▶ପୃଷ୍ଠା ୭

ଟ୍ୟାଙ୍କର ଧକ୍କାରେ ଯୋଗାଣ ବିଭାଗ କର୍ମଚାରୀ ମୃତ

ବାଲେଶ୍ୱର,୦୯।୦୨ (ନି.ପ୍ର): ବାଲେଶ୍ୱର ସହରର ଫକୀର ମୋହନ ଗୋଲେଇଠାରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଯୋଗାଣ ବିଭାଗର ଜନୈକ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କର ମୃତ୍ୟୁ ହୋଇଯାଇଛି । ମୃତ ବ୍ୟକ୍ତି ଜଣକ ହେଲେ ସିଂଲା ଥାନା ଅନ୍ତର୍ଗତ ସାନଅସ୍ତି ଗ୍ରାମର ହରିପଦ ଦାସ(୪୨) । ନିକଟ ଭବିଷ୍ୟତରେ ହେବାକୁ ଥିବା ପୁଅର ବିବାହ ପାଇଁ ମାର୍କେଟିଂ ସାରି ଓଆରା୦୧ଭି/ ୪୭୨୫ ନଂର ଏକ ମୋଟରସାଇକେଲରେ ସେ ଷ୍ଟେସନଛକରୁ ଫକୀର ମୋହନ ଗୋଲେଇ ଆସୁଥିଲେ । ତେବେ ଫକୀର ମୋହନ ଗୋଲେଇ ପୂର୍ବରୁ ଆଗରେ ଯାଉଥିବା ଓଡି୦୧ଏଚ/ ୧୬୨୦ ନଂର ଭାରତ ପେଟ୍ରୋଲିୟମର ଏକ ଟ୍ୟାଙ୍କରକୁ ଓଭର ଟେକ୍ ▶▶ପୃଷ୍ଠା ୭

ଶ୍ରୀମନ୍ଦିର ଐତିହ୍ୟ ପ୍ରାଧିକରଣ ଉପନିୟମ ଅଧିସୂଚନା ବିଜ୍ଞପ୍ତି ପ୍ରତ୍ୟାହାର ନିଷ୍ପତ୍ତିକୁ ସ୍ୱାଗତ କଲେ ଗଜପତି ମହାରାଜା



ପୁରୀ,୦୯।୦୨ (ନି.ପ୍ର): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତ ଐତିହ୍ୟ ପ୍ରାଧିକରଣ ଉପନିୟମ ଅଧିସୂଚନା ବିଜ୍ଞପ୍ତି ପ୍ରତ୍ୟାହାର ନିଷ୍ପତ୍ତିକୁ ଗଜପତି ମହାରାଜା ସ୍ୱାଗତ କରିଛନ୍ତି । ତା ସହିତ ଶ୍ରୀଜଗନ୍ନାଥ ମନ୍ଦିର ସଂକ୍ରାନ୍ତୀୟ ଯେ କୌଣସି ପଦକ୍ଷେପ ନେବା ପୂର୍ବରୁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଆଲୋଚନା କରିବା ନିମନ୍ତେ ଗଜପତି ଅନୁରୋଧ କରିଛନ୍ତି । ବିଶ୍ୱର ଅଗ୍ରଣୀ ଧାର୍ମିକ, ଆଧାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର ରୂପେ ଜଗନ୍ନାଥ ଧାମର ରୂପାନ୍ତରଣ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ହୋଇପାରିବ ବୋଲି ଗଜପତି କହିଛନ୍ତି । ସୂଚନାଯୋଗ୍ୟ ଯେ, ଶ୍ରୀମନ୍ଦିର ସଂକ୍ରାନ୍ତରେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଏକ ବାଇ ଲ ଜାରି କରିଥିଲେ । ଯାହା ଫଳରେ ଶ୍ରୀମନ୍ଦିର ଐତିହ୍ୟ ପ୍ରକଳ୍ପ ବାଧାପ୍ରାପ୍ତ ହୋଇଥାନ୍ତା । ଏହାପରେ ଏହାକୁ ନେଇ ରାଜନୈତିକ ବୟାନବାଜି ହେବା ସହିତ ଏହି ବାଇ ଲ କୁ ଫେରାଇ ନିଆଯାଇଛି । ଯାହାପରେ ଏବେ ଗଜପତି ମହାରାଜା ଏହାକୁ ନେଇ ଖୁସି ପ୍ରକଟ କରିଛନ୍ତି ।

ମାହାଙ୍ଗା ପ୍ରଫୁଲ୍ଲ ବିଶ୍ୱାଳ ମୃତ୍ୟୁ ଘଟଣାରେ ଆଶ୍ଚର୍ଯ୍ୟଜନକ ମୋଡ଼

ଭୁବେନଶ୍ୱର,୦୯।୦୨ (ନି.ପ୍ର): କୁଳମଣି ବରାଳ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ମୃତ୍ୟୁକୁ ନେଇ ରହସ୍ୟ ବଢୁଛି । ମୃତ୍ୟୁର ଦିନକ ପୂର୍ବରୁ ପ୍ରଫୁଲ୍ଲ ନିଜ ପୁଅକୁ ଫୋନ କରି କହିଥିଲେ, ସେ ଟେନସନରେ ଅଛନ୍ତି, ଯଦି ତାଙ୍କର କିଛି ହୋଇଯାଏ । ତେବେ କାହାକୁ ଦାୟୀ କରିବ ନାହିଁ, କି କାହାକୁ ଦୋଷ ଦେବ ନାହିଁ । ମୃତ୍ୟୁର ଦିନକ ପୂର୍ବରୁ ପ୍ରଫୁଲ୍ଲଙ୍କ ଏପରି ଫୋନ୍ କଲ୍ ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ପ୍ରଫୁଲ୍ଲ କେମିତି ଜାଣିଲେ ତାଙ୍କର କିଛି ହୋଇଯାଇପାରେ । କାହାକୁ ଦାୟୀ ନକରିବା ପାଇଁ ଘର ଲୋକଙ୍କୁ ପରାମର୍ଶ ଦେବା ପଛର କାରଣ କ'ଣ । '୫ ତାରିଖ ସନ୍ଧ୍ୟା ୭ଟା ୯ମିନିଟରେ ▶▶ପୃଷ୍ଠା ୭

ଆଜିଠୁ ଖୋଲିବ ଇଂଜିନିୟରିଂ କଲେଜ

ଭୁବନେଶ୍ୱର,୦୯।୦୨ (ନି.ପ୍ର): ଆସନ୍ତାକାଲି (ବୁଧବାର) ଠାରୁ ରାଜ୍ୟର ସବୁ ବୈଷୟିକ ଶିକ୍ଷାନୁଷ୍ଠାନ ଖୋଲିବ । ଆଇଟିଆଇ, ପଲିଟେକ୍ନିକ ଓ ଇଞ୍ଜିନିୟରିଂ କଲେଜ ସମେତ ସମସ୍ତ ପ୍ରଫେସନାଲ ଶିକ୍ଷାନୁଷ୍ଠାନ ଗୁଡିକ ମଧ୍ୟ ଆସନ୍ତାକାଲିଠାରୁ ଖୋଲିବ । ତେବେ ୧୭ ତାରିଖରୁ କ୍ଲାସ ରୁମରେ ଶିକ୍ଷାଦାନ ଆରମ୍ଭ ହେବ । କୋଭିଡ-୧୯ ଗାଇଡଲାଇନ ପାଳନ ସହ ଆରମ୍ଭ ହେବ ପାଠପଢା । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ ଯେ କୋଭିଡ ମହାମାରୀ କାରଣରୁ ଗତ ବର୍ଷ ମାର୍ଚ୍ଚ ମାସରୁ ରାଜ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ଏବେ ରାଜ୍ୟରେ କରୋନାର ପ୍ରକୋପ ଧିରେ ଧିରେ କମିବା ପରେ ସବୁ ଶିକ୍ଷାନୁଷ୍ଠାନକୁ ଖୋଲୁଛନ୍ତି ସରକାର । ପୂର୍ବରୁ ରାଜ୍ୟରେ ମେଡିକାଲ କଲେଜ ମଧ୍ୟ ଖୋଲି ସାରିଛି ।

ଆବାସ ଅର୍ଥ ଆତ୍ମସାତ ବିରୋଧରେ ବୃଦ୍ଧ ଦମ୍ପତିଙ୍କ ଧାରଣା

ବାଲେଶ୍ୱର,୯।୨ (ନି.ପ୍ର): ଜଳେଶ୍ୱର ବ୍ଲକରେ ବିନା କାର୍ଯ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅର୍ଥ ଆତ୍ମସାତ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବୃଦ୍ଧ ଦମ୍ପତି ଆଜି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଧାରଣା ଦେଇଥିବା ଦମ୍ପତି ହେଲେ ଜଳେଶ୍ୱର ବ୍ଲକ ଝାଡ଼ପିମ୍ପଳ ଗ୍ରାମର କାଳୀଚରଣ ଦଣ୍ଡପାଟଙ୍କ ପୁତ୍ର ଶଙ୍କର ଦଣ୍ଡପାଟ(୭୦) ଓ ତାଙ୍କ ପତ୍ନୀ । ସେମାନଙ୍କ ଅଭିଯୋଗ ଅନୁସାରେ ଝାଡ଼ପିମ୍ପଳ ଗ୍ରାମ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ଜେନା, ଗ୍ରାମ ରୋଜଗାର ସେବକ (ଜିଆରଏସ) ପ୍ରଦୀପ୍ତ କିଶୋର ପ୍ରଧାନ ଓ ସଂଜୟ କୁମାର ଗିରି ପ୍ରମୁଖ ତାଙ୍କ ନାମରେ ଅନୁମୋଦିତ ଆବାସ ଅର୍ଥକୁ ଚଲୁ କରିଦେଇଥିବା ଶ୍ରୀ ଦଣ୍ଡପାଟ ଅଭିଯୋଗ ଉଠାଇଛନ୍ତି । ତାଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଅନୁମୋଦିତ ହୋଇଥିଲା । ତେବେ ଏ ସମ୍ପର୍କରେ ତାଙ୍କୁ କୌଣସି ସୂଚନା ଦିଆଯାଇ ନଥିଲଶ । ଏବେ ବ୍ଲକରୁ ଚିଠି ଆସିବା ପରେ ସେ ଜାଣିବାକୁ ପାଇଲେ ସେ ଆବାସ ନିର୍ମାଣ କରି ଅଦ୍ୟାବଧି ୯୦ ହଜାର ଟଙ୍କା ଉଠାଇଛନ୍ତି । ବାକି ଥିବା କାମ ଶେଷ ନ କଲେ ତାଙ୍କୁ ଫାଇନାଲ ବିଲ୍ ଅର୍ଥ ମିଳିବ ନାହିଁ ବୋଲି ଚିଠି ପାଇବା ପରେ ସେ ଏ ଘୋଟାଳା ସମ୍ପର୍କରେ ଜାଣିବାକୁ ପାଇଲେ । ଏହି ତିନିଜଣ ଫଲ୍ସ ବିଲ କରି ତାଙ୍କ ଆବାସ ଅର୍ଥ ଆତ୍ମସାତ କରିଥିବା ଶ୍ରୀ ଦଣ୍ଡପାଟ ଅଭିଯୋଗ କରିଛନ୍ତି । ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସାଙ୍ଗକୁ ତାଙ୍କୁ ଆବାସ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ସେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ତାଙ୍କୁ ସମର୍ଥନ କରି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କର୍ମକର୍ତ୍ତା ସମୀର ପାତ୍ର, ବିଜେପି ନେତା ମାନସ କୁମାର ଦତ୍ତ, ସିପ୍ରା ବାଜପେୟୀ, ବିଜୟ କୁମାର ପାଣିଗ୍ରାହୀ, ଗୌରାଙ୍ଗ ଦାସ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ ।

ଧଉଳି-କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୯।୨ (ନି.ପ୍ର): ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀ ଓ ଆର୍ଟ ଭିଜନର ମିଳିତ ଉଦ୍ୟମରେ ଐତିହାସିକ ଧଉଳି ପାହାଡ଼ର ପାଦଦେଶରେ ଆୟୋଜିତ ୧୭ତମ ଧଉଳୀ କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ସଂଧ୍ୟାର ପ୍ରଥମ କାର୍ଯ୍ୟକ୍ରମରେ ନୈବେଦ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶାର କଳା, ବୈଚିତ୍ର, ବିଭୋବ ଉପରେ ପର୍ଯ୍ୟବେସିତ ଏକ ଅନନ୍ୟ ଓଡ଼ିଶା ନୃତ୍ୟ କାର୍ଯ୍ୟକ୍ରମ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ଅରୁଣା ମହାନ୍ତି ଓ ବିଜୟ କୁମାର ସାହୁ । ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା କୁଚିପୁଡ଼ି ନୃତ୍ୟ ପରିବେଶଣ । ଯାହାକୁ ପରିବେଶିତ କରିଥିଲେ ବାଙ୍ଗାଲୋରରୁ ଆସିଥିବା ସମ୍ଭାବି ସ୍କୁଲ ଅଫ ଡ଼୍ୟାନ୍ସର କଳାକାରମାନେ । ସେମାନେ ପ୍ରଥମେ ପ୍ରଭୁ ଭିଥୋବାଙ୍କ ଉପରେ ଭକ୍ତିପୁତ କୁଚିପୁଡ଼ି ନୃତ୍ୟ ପରିବେଶଣ କରିଥିଲେ ପରେ ପରେ ତାଳପାକ ଅନାମ ଚରଣଙ୍କ ରଚନାରୁ ଉଦ୍ଧୃତ ଆଦିବ ଅଲ୍ଲଦିବ ପରିବେଶିତ ହୋଇଥିଲା । ସେମାନଙ୍କର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଶ୍ରୀକୃଷ୍ଣଙ୍କ ଲୀଳା ଉପରେ ପର୍ଯ୍ୟବେସିତ ନୃତ୍ୟାଭିନୟ ନୀଳ ମେଘ ସରରେ ପରେ ପରେ ମହାଭାରତରୁ ଉଦ୍ଧୃତ କୁବଜା ଏକ ଅସୁନ୍ଦର ନାରୀ ଶ୍ରୀକୃଷ୍ଣଙ୍କ ଅଗାଢ ଭକ୍ତି, ପ୍ରେମ ଓ ସମ୍ପର୍ପଣରୁ ଗୋଟିଏ ସୁନ୍ଦର ନାରୀରେ ପରିଣତ ହେବାକୁ କୁଚିପୁଡ଼ି ନୃତ୍ୟ ମାଧ୍ୟମରେ ସୁନ୍ଦର ପରିବେଶଣ କରିଥିଲେ କଳାକାରମାନେ । ତାଙ୍କର ସମସ୍ତ କାର୍ଯ୍ୟକ୍ରମର ନୃତ୍ୟ ସଂରଚନା କରିଥିଲେ ଗୁରୁ ବୈଜୟନ୍ତି କାଶୀ ।

ଅନ୍ତିମ ସଂଧ୍ୟାର ତୃତୀୟ କାର୍ଯ୍ୟକ୍ରମ ଥିଲା ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ ଯାହାକୁ ପରିବେଶଣ କରିଥିଲେ ଅନୁଗୁଲରୁ ଆସିଥିବା ନୃତ୍ୟ ନିଳୟ ଅନୁଷ୍ଠାନର କଳାକାରମାନେ । ସେମାନେ ପ୍ରଥମେ ରାଗ ମାଳିକା ଓ ତାଳ ମାଳିକା ଉପରେ ନିବଦ୍ଧ ଅଗ୍ନି ସୁକ୍ତମ୍ ପରିବେଶଣ କରିଥିଲେ ପରେ ପରେ ରାଗ ଚକ୍ରବାକ ଓ ତାଳ ଏକତାଳୀ ଉପରେ ପର୍ଯ୍ୟବେସିତ ପଲ୍ଲବୀ ପରିବଶେଣ କରିଥିଲେ ଯାହା ଅତି ଚମତ୍କାର ହୋଇଥିଲା ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ସ୍ୱପ୍ନାରାଣୀ ସିହ୍ନା ।

ଅନ୍ତିମ ସଂଧ୍ୟାର ଅନ୍ତିମ ପରିବେଶଣ ଥିଲା ସଢେଇକଳା ଛଉ ନୃତ୍ୟ ଯାହାକୁ ପରିବେଶିତ କରିଥିଲେ ନୂଆଦିଲ୍ଲୀରୁ ଆସିଥିବା ଆଚାର୍ଯ୍ୟ ଛଉ ନୃତ୍ୟ ବିଚିତ୍ର ଅନୁଷ୍ଠାନର ଶିଳ୍ପୀମାନେ । ସେମାନେ ପ୍ରଥମେ ରାଗ ଦେଶ ଓ ତାଳ ଷୋଳରେ ଯାତ୍ରାଘାଟ ପରେ ପରେ ବହୁପତି ମନୋରଞ୍ଜନ ଯାହା ସାମରିକ କଳା ଉପରେ ନିବଦ୍ଧ ଥିଲା, ପରିବେଶିତ କରିଥିଲେ । ସେମାନଙ୍କର ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ରାଗ ମିୟାଙ୍କ ମହ୍ଲାର ଓ ଚାରୁକେଶି ଓ ତାଳ ଆଠ ମାତ୍ରା ଉପରେ ଗରୁଡ଼ ବାଶୁକି ଏବଂ ଶେଷରେ ଆଖଡ଼ା ନୃତ୍ୟ ପରିଖଣ୍ଡ ଖେଳୋ ଛଉ ନୃତ୍ୟରେ ସମରକଳା ପରିବେଶଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଉଦଯାପନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧକ୍ଷ ଅସିତ କୁମାର ତ୍ରିପାଠୀ; ଓଡ଼ିଶା କୌଶଳ ବିକାଶ ପ୍ରାଧିକାରୀ ଅଧକ୍ଷ ସୁବ୍ରତୋ ବାଗଚୀ; ଓଡ଼ିଶା ସରକାରଙ୍କ ମୋ ସ୍କୁଲ ଅଧକ୍ଷା ସୁସ୍ମିତା ବାଗଚୀ; ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ; ଓଡ଼ିଶା ଡ଼୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍‌ର ସଚିବ ଇଲିୟାନା ସିତାରିଷ୍ଟ । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡ଼. ଇ. ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ସାୟିଦ୍ ।

ଧାମନଗର ବ୍ଲକ ମିଳିତ ପ୍ରାଥମିକ ନୂତନ ଶିକ୍ଷକ ସଂଘ ଗଠିତ

ଧାମନଗର ,୯।୨ (ନି.ପ୍ର): ଧାମନଗର ବ୍ଲକରେ ନୂତନ ଭାବେ ଏକ ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଗଠନ କରାଯାଇଛି । ଏଥି ନିମନ୍ତେ ଏକ ଶିକ୍ଷକ ସମାବେଶ ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଆପେକ୍ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ନିରଂଜନ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବ୍ଲକ ସ୍ତରୀୟ ଶିକ୍ଷକ ସମାବେଶ ରେ ଶତାଧିକ ଶିକ୍ଷକ- ଶିକ୍ଷୟତ୍ରୀ ଯୋଗଦେଇ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଏକ ନୂତନ ସଂଘର ଆବଶ୍ୟକତା ରହିଛିବୋଲି ମତପ୍ରକାଶ କରିଥିଲେ । ନବଗଠିତ ଏହି ଶିକ୍ଷକ ସଂଘର ସଭାପତି ଭାବେ ସତ୍ୟସୁନ୍ଦର ପରିଡ଼ା, ଉପସଭାପତି ଭାବେ ଉମେଶଚନ୍ଦ୍ର ପତି, ସେକ୍ ନାସିରୁଦ୍ଦିନ, ମହମ୍ମଦ ମୋଜାଫର ହୋସେନ୍, ଅପର୍ଣ୍ଣା ନାୟକ, ସମ୍ପାଦକଭାବେ ହେମେନ୍ଦ୍ରନାଥ ମହାନ୍ତି, ସହସମ୍ପାଦକ ଭାବେ ନିରଂଜନ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ସଂଜିତ କୁମାର ସାହୁ, ଅମିତାବାଳା ଦାସ, କାର୍ଯ୍ୟକାରୀ ସଭାପତି ଭାବେ ସୁରେନ୍ଦ୍ର କୁମାର ସେଠୀ, କୋଷାଧକ୍ଷଭାବେ ଶ୍ରୀକାନ୍ତ ସାହୁ ଅଫିସ ସମ୍ପାଦକଭାବେ ନିରାକାର ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା । ଏହା ବ୍ୟତିତ ବିଭିନ୍ନ ଜୋନ୍‌ରୁ ୪ଜଣ ସଂଗଠନ ସମ୍ପାଦକ ମନୋନୀତ କରାଯାଇ ଥିବାବେଳେ ୧୩ ଜଣ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା । ଧାମନଗର ବ୍ଲକର ୧୯ ଗୋଟି ସାଧନକେନ୍ଦ୍ର ନିମନ୍ତେ ୧୯ଜଣ ପ୍ରତିନିଧି ମନୋନୀତ କରାଯାଇଥିଲା । ଧାମନଗର ବ୍ଲକରେ କାର୍ଯ୍ୟରତ ଶିକ୍ଷକ-ଶିକ୍ଷୟତ୍ରୀ ମାନଙ୍କ ସମସ୍ୟାର ସମାଧାନ କରିବାପାଇଁ ଗୋଟିଏ ସଂଗଠନରେ ରହି କାର୍ଯ୍ୟକରିବା ପାଇଁ ସମାବେଶରେ ସହମତି ପ୍ରକାଶ ପାଇଥିଲା । ଏହି ଅବସରରେ ନବନିଯୁକ୍ତ ଏବିଇଓ ରେଣୁବାଳା ନାୟକଙ୍କୁ ଶିକ୍ଷକ ମାନଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଶେଷରେ ଶିକ୍ଷକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

ରାଜ୍ୟ ସରକାରଙ୍କ ଅପାରଗତା ଚାଷୀଙ୍କ ଧାନ ସଂଗ୍ରହରେ ଅନ୍ତରାୟ: ବିଜେପି

ବାଲେଶ୍ୱର,୯।୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସମେତ ରାଜ୍ୟରେ ଧାନ ସଂଗ୍ରହରେ ଦେଖା ଦେଇଥିବା ଅନିୟମିତତା ବିରୋଧରେ ମୁହଁ ଖୋଲିଛି ବିଜେପି । ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ସମ୍ପ୍ରତି ଓଡ଼ିଶାର ଚାଷୀ ଧାନ ବିକ୍ରି କରିପାରୁ ନଥିବା ବିଜେପି ନେତାମାନେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ପ୍ରତିବର୍ଷ ଅକ୍ଟୋବର ମାସ ପୂର୍ବରୁ ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ଏକର ପିଛା ଧାନ ପରିମାଣ ଧାର୍ଯ୍ୟ ହୋଇଥାଏ । ବାଲେଶ୍ୱର ଜିଲାରେ ଏକର ପିଛା ୨୦ ରୁ ୨୫ କ୍ୱିଣ୍ଟାଲଧାନ ଉତ୍ପାଦିତ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା କମିଟି ବୈଠକରେ ମାତ୍ର ଏକର ପିଛା ୧୩ ରୁ ୧୯ କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ନିଷ୍ପତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବିଜେପି ନେତାମାନେ ଆରୋପ କରିଛନ୍ତି । ଏହାର ଫଳ ସ୍ୱରୂପ ଚାଷୀମାନେ ନିଜର ବଳକା ଧାନ କ୍ଷେତ୍ରରେ ଅଭାବୀ ବିକ୍ରିୟର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ ସେବା ସମବାୟ ସମିତି କର୍ମକର୍ତ୍ତାଙ୍କ ଦୂରଭିସନ୍ଧି ଚାଷୀଙ୍କ ଧାନ ସଂଗ୍ରହରେ ଅନ୍ୟ ଏକ ସମସ୍ୟା ହୋଇଛି । ଆଦୌ ଚାଷ କରୁନଥିବା ବଡ଼ ବଡ଼ ଚାଷୀମାନଙ୍କ ଜମି ପଟ୍ଟାକୁ ଅସାଧୁ ଉପାୟରେ ନିଜ ସମ୍ପର୍କୀୟଙ୍କ ନାମରେ ପଞ୍ଜୀକୃତ କରାଇ ମାଲେମାଲ ହେଉଛନ୍ତି । ସେହିଭଳି ବିଭିନ୍ନ ଆଳ ଦେଖାଇ ସମବାୟ ସମିତି କର୍ମକର୍ତ୍ତା କ୍ୱିଣ୍ଟାଲ ପିଛା ୮ ରୁ ୧୦ କେଜି ଧାନ କାଟି ଚାଷୀଙ୍କୁ ଶୋଷଣ ଚାଲିଥିବା ବିଜେପି ପକ୍ଷରୁ ଅଭିଯୋଗ କରିଛନ୍ତି । ମଣ୍ଡିଗୁଡିକର କାର୍ଯ୍ୟ ପ୍ରକ୍ରିୟାରେ ସୁଧାର ଆଣିବା ପାଇଁ ଧାନକିଣା ମୂଲ୍ୟର ୨ ପ୍ରତିଶତ ବ୍ୟୟ ପାଇଁ ନିୟମ ଥିବା ବେଳେ ତାହା ନ ହୋଇ ସେହି ଅର୍ଥ କେବଳ ଆତ୍ମସାତ କରାଯାଉଛି ବୋଲି ବିଜେପି କର୍ମକର୍ତ୍ତାମାନେ କହିଛନ୍ତି । ଚାଷୀଙ୍କୁ ସାର ଯୋଗାଣରେ ସରକାରଙ୍କ ବିଫଳତା ମଧ୍ୟ ପ୍ରମାଣିତ ହେବାରେ ଲାଗିଛି । ମାତ୍ର ଶାସକ ଦଳର ଦୋଷ ଓ ଅପାରଗତାକୁ ଲୁଚାଇବାକୁ ଜିଲାର ବରିଷ୍ଠ ରାଜନେତା ତଥା ପୂର୍ବତନ ବିଧାୟକ ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି । ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ଓ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପ-ସଭାପତି ମାନସ କୁମାର ଦତ୍ତ, ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଶୋଭନା ମହାନ୍ତି, ଅଂଶୁମାନ ମହାନ୍ତି ଓ ଜିଲ୍ଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ମନୋରଞ୍ଜନ ସ୍ମାରକୀ ଜାତୀୟ ସ୍ତରୀୟ ଦିବାରାତ୍ର ଭଲବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

କଣାସ,୯।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅର୍ନ୍ତଗତ କଣାସ ଗୋଲା ବଜାର ଠାରେ ଥିବା ଖେଳପଡିଆରେ ଆଜି ଆଂଚଳିକ କ୍ରୀଡ଼ା ଓ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବମ ବାର୍ଷିକ ମନୋରଞ୍ଜନ ସ୍ମାରକୀ ଜାତୀୟ ସ୍ତରୀୟ ଦିବାରାତ୍ର ଭଲବଲ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି । ରାଜ୍ୟ ଶିଶୁ କଲ୍ୟାଣ ଅଧିକାରୀ ସୁଶ୍ରୀ ସଂଧ୍ୟାବତୀ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦଘାଟନ କରିଥିଲେ ।

କଣାସ ବ୍ଲକରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

କଣାସ,୯।୨ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକରେ ଆଜି ୩ୟ ଓ ୫ମ ଶ୍ରେଣୀ ମେଧା ବୃତି ପରୀକ୍ଷା ଫଳ ପ୍ରକାଶ ପାଇଛି । ୩ୟ ଶ୍ରେଣୀରେ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ମନ୍ଦିରର ରାଜଦୀପ୍ ଦାଶ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଦୁରାବର ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଅନନ୍ୟା ସାହୁ ୫ମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜଣାପଡିଛି । ୩ୟ ଶ୍ରେଣୀ ବୃତି ପାଇଥିବା ଅନ୍ୟ ଛାତ୍ରଛାତ୍ରୀମାନେ ହେଲେ ଭାଗ୍ୟଶ୍ରୀ ମାନସିଂହ, ସାଇଁ ପ୍ରସାଦ ଛୋଟରାୟ, ଭୂମିକା ସ୍ୱାଇଁ, ରୁଦ୍ରମାଧବ ସାମନ୍ତରାୟ, ପ୍ରତିକ୍ଷା ପ୍ରିୟଦର୍ଶନୀ ସାମନ୍ତରାୟ, ଆଶୁତୋଷ ସୁନ୍ଦରାୟ, ସ୍ୱାଗତୀକା ଜେନା, ସତ୍ୟଜିତ୍ ମହାପାତ୍ର, ସାଇଲ୍ ଦାଶ, ରୁଦ୍ର ପାଇକେରାୟ, ମୌସୁମୀ ମହାପାତ୍ର, ଉତ୍କଳ ଭାରିମଲ୍ଲ, ଅଭିଲିପ୍ସା ଜଗଦ୍ଦେବ । ୫ମ ଶ୍ରେଣୀରେ ବୃତି ପାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିଛନ୍ତି ଅକାଂକ୍ଷା ଦାଶ, ଜସବନ୍ତ ଦାଶ, ପ୍ରାୟାସ ବଳିୟାରସିଂହ, ଶୁଭମ୍ ଜ୍ୟୋତି ସ୍ୱାଇଁ, ଅନ୍ନନ୍ୟା ବରାଳ, ପୃଥିରାଜ ଲେଙ୍କା, ଧନେଞ୍ଜୟ ମାନ୍ଧାତା, ଚିନ୍ମୟୀ ମହାରଣା, ଅର୍ପିତା ପ୍ରିୟଦର୍ଶିନୀ ମହାନ୍ତି, ସଙ୍ଗମିତ୍ରା ମଙ୍ଗରାଜ, ଐଶ୍ୱର୍ଯ୍ୟା ବେହେରା, ତପନ କୁମାର ପାଇକରାୟ ଏବଂ ଦୁର୍ଗାପ୍ରସାଦ ଜଗଦେବ ।

କୋଣାର୍କ ଅଂଚଳର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ : କଂଗ୍ରେସ

ଭୁବନେଶ୍ୱର,୯।୨ (ନି.ପ୍ର): ୧୯୨୭ ମସିହା ଠାରୁ କୋଣାର୍କ ଅଂଚଳର ୯ ଟି ମୌଜାର ଜନସାଧାରଣଙ୍କ ଜମିଜମା ଅଦ୍ୟାବଧି ସମାଧାନ ହୋଇନାହିଁ । ସାଧାରଣ ଲୋକ ଅନ୍‌ଲାଇନ୍‌ରେ ଆବେଦନ କରିବା କାଠିକର ପାଠ ହୋଇଛି । ତୁରନ୍ତ କୋଣାର୍କ ଜମିଜମାର ସ୍ଥାୟୀ ସମାଧାନ ଦାବି କରି କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି । ଯଦି ସରକାର ତୁରନ୍ତ ଏହାର ସମାଧାନ ନକରନ୍ତି, କୋଣାର୍କ ନଗର କଂଗ୍ରେସ କମିଟି ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବା ସହିତ ଜନଆନ୍ଦୋଳନକୁ ଦୁର୍ବାର କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛନ୍ତି ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ । ସୋମବାର ଦିନ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ କଂଗ୍ରେସ ନେତା ତଥା ପିସିସି ସାଧାରଣ ସଂପାଦକ ବିଶ୍ୱ ଭୂଷଣ ଦାସ, ପିସିସି କିଷାନ କଂଗ୍ରେସ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଓ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅଜିତ୍ ମଙ୍ଗରାଜ ଅଭିଯୋଗ କରିବା ସହିତ ତୁରନ୍ତ କୋଣାର୍କ ଜମିଜମାର ସ୍ଥାୟୀ ସମାଧାନ, ସର୍ବସାଧାରଣ ଅଭିଯୋଗ ପାଇଁ ଆଉ ଏକ ମାସ ପର୍ଯ୍ୟନ୍ତ ସମୟ ବୃଦ୍ଧି, ଅନ୍‌ଲାଇନ୍ ଶୁଣାଣି ପରିବର୍ତ୍ତେ କୋଣାର୍କଠାରେ ଜନଅଭିଯୋଗ କେନ୍ଦ୍ର ସ୍ଥାପନ ଓ ଏଠାରେ ଜଣେ ସରକାରୀ ଉଚ୍ଚପଦାଧିକାରୀ ନିଯୁକ୍ତି, କୋଣାର୍କ ମେଡିକାଲକୁ ହସ୍‌ପିଟାଲରେ ପରିଣତ, ବ୍ୟବସାୟୀମାନଙ୍କୁ ଉଠାଇବା ପୂର୍ବରୁ ସ୍ଥାୟୀ ଥଇଥାନ, ଭଗବତୀ ମନ୍ଦିର, ତ୍ରିବେଣୀଶ୍ୱର ମନ୍ଦିର ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଉନ୍ନତିକରଣ, ଧର୍ମପଦଙ୍କ ନାମରେ ଏକ ସୂଚନା କେନ୍ଦ୍ର ଓ ପାଠାଗାର ପ୍ରତିଷ୍ଠା କରିବା ପାଇଁ ଦାବି କରିଛନ୍ତି । ଏତଦ୍‌ବ୍ୟତୀତ ସରକାର କାକଟପୁରକୁ ତୁରନ୍ତ ଏନ୍.ଏ.ସି. ଘୋଷଣା କରିବା ଏବଂ ଅସ୍ତରଙ୍ଗ ବେଳାଭୂମି, ପୀର ଜାହାନିଆ ପୀଠକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ କିଷାନ ସେଲ୍ ଅଧକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି ।

ଦିଗପହଣ୍ଡି ସହର ମୁହାଁ ଦନ୍ତାହାତୀ

ଗଞ୍ଜାମ,୯।୨ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଚାଙ୍ଗୁଡିଦେଇ ପାହାଡ଼ରେ ଥିବା ଏକ ଦନ୍ତାହାତୀ ଗତକାଲି ସଂନ୍ଧ୍ୟାରେ ଦିଗପହଣ୍ଡି ସହର ମୁହାଁ ହୋଇଥିବାରୁ ସାଧାରଣରେ ଆତଙ୍କ ଖେଳିଯାଇଛି । ହାତୀଟି ଏନଏସିର ଦୁଇ ନମ୍ବର ୱାର୍ଡ଼୍ ନିମପଲ୍ଲ

ଘନ କେଶ ପାଇଁ ଉପକାରୀ ଅଦା

କେଶକୁ ଘନ ଓ ଲମ୍ବା କରିବା ପାଇଁ ଆପଣ ଅନେକ ଉପଚାର କରିଥା'ନ୍ତି । ଅଦା କେଶ ପାଇଁ ଏକ ଆୟୁର୍ବେଦିକ ଉପଚାର ଭାବରେ କାର୍ଯ୍ୟ କରିଥାଏ । ଅଦାରେ ଥିବା ମ୍ୟାଗ୍ନେସିୟମ୍, ପୋଟାଟିୟମ୍, ଫସଫରସ୍ ଓ ଭିଟାମିନ୍ କେଶ ଝଡ଼ିବା ବନ୍ଦ କରିଥାଏ । ଅଦା ଏକ ନାଚୁରାଲ୍ କଣ୍ଡିସର୍ନ ହୋଇଥିବାରୁ ଏହା କେଶର ରୁକ୍ଷପଣ ଦୂର କରି କେଶ ମୂଳରେ ରକ୍ତ ସଞ୍ଚାଳନ ଠିକ୍ ରଖିଥାଏ । ତେବେ ଆସନ୍ତୁ ଜାଣିବା କେଶକୁ ଲମ୍ବା ଓ ମଜବୁତ୍ କରିବା ପାଇଁ ଅଦାକୁ କିପରି ବ୍ୟବହାର କରିବେ ।

- ବଜାରରେ ମିଳୁଥିବା ଜିଞ୍ଜର ଅଏଲ୍ କେଶରେ ଲଗାନ୍ତୁ । ନଚେତ୍ ନିଜେ ଘରେ ପ୍ରସ୍ତୁତ କରନ୍ତୁ । ଏଥିପାଇଁ ପ୍ରଥେମ ଗୋଟିଏ ଚାମଚ ଘିଅରେ ଜୋଜୋବା ଅଏଲ୍, ଅଲିଭ୍ ଅଏଲ୍ ଓ ଅଦା ରସ ମିଶାନ୍ତୁ । ଏହି ମିଶ୍ରଣକୁ ଭଲ ଭାବରେ ମୁଣ୍ଡରେ ମାଲିସ କରନ୍ତୁ । ୩୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ସପ୍ତାହକୁ ଏପରି ଦୁଇ ଥର କରନ୍ତୁ । ଦେଖିବେ କେଶ ମୋଟା ହେବା ସହ ଝଡ଼ିବା ବନ୍ଦ ହେବ ।
- ଅଦା ଓ ଲେମ୍ବୁ ରସ ମଧ୍ୟ କେଶ ପାଇଁ ବ୍ୟବହାର କରିପାରିବେ । ୨ ଚାମଚ ଅଦା ରସରେ ୩ ଚାମଚ ରାଶି ତେଲ ଓ ଅଧା ଚାମଚ ଲେମ୍ବୁ ରସ ମିଶାନ୍ତୁ । ଏହି ମିଶ୍ରଣକୁ କେଶ ମୂଳରେ ୧୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ । ଏହାପରେ ଶାମ୍ପୁ କରିନିଅନ୍ତୁ । ଏହା ଦ୍ୱାରା ରୁପି ଦୂର ହେବ । ସପ୍ତାହକୁ ତିନିଥର ଏହି ମିଶ୍ରଣକୁ ଲଗାଇପାରିବେ ।
- କେଶ ପତଳା ଥିଲେ ଅଦା ଓ ପିଆଜ ରସ ଲଗାନ୍ତୁ । ପ୍ରଥମେ ୨ ଚାମଚ ଅଦା ରସରେ ୧ ଚାମଚ ପିଆଜ ରସ ମିଶାନ୍ତୁ । ଏହି ରସକୁ କେଶ ମୂଳରେ ୨୦ ମିନିଟ୍ ଲଗାଇ ରଖିବା ପରେ ଧୋଇ ନିଅନ୍ତୁ । ସପ୍ତାହକୁ ଏପରି ଦୁଇରୁ ତିନିଥର କଲେ କେଶ ମୋଟା ହେବ ।

ସୌନ୍ଦର୍ଯ୍ୟର ରାଣୀ କୋଇଲି ଘୋଘର

କୋଇଲିର କୁହୁକୁହୁ ସ୍ୱର ଓ ଜଳ ପ୍ରପାତର ଘୋଘୋ ଗୁରୁ ଗମ୍ଭୀର ଶବ୍ଦ ଯୋଗୁ ଏହାର ନାମ କୋଇଲି ଘୋଘର ହୋଇଥିବା ଏ ଅଞ୍ଚଳର ଲୋକମାନେ ମତ ଦିଅନ୍ତି ।

ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଝାରସୁଗୁଡ଼ା ଜିଲ୍ଲାର ସ୍ଥାନ ସ୍ୱତନ୍ତ୍ର । ଏହି ଜିଲ୍ଲାରେ ରହିଛି ଅନେକ ପର୍ଯ୍ୟଟନ ସ୍ଥଳୀ । ସେଥିମଧ୍ୟରୁ କୋଇଲି ଘୋଘର ଜଳପ୍ରପାତ ଅନ୍ୟତମ । ଏଠାକାର ଘଞ୍ଚ ଅରଣ୍ୟ, ସବୁଜ ବୃକ୍ଷଲତା ତଥା ପାହାଡ଼ର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ସର୍ବଦା ମୁଗ୍ଧ କରିଆସିଛି । ବିଶେଷ କରି ନଭେମ୍ବର, ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ପ୍ରତିଦିନ ବହୁ ପର୍ଯ୍ୟଟକ, ସ୍କୁଲ୍-କଲେଜ୍ ଛାତ୍ରଛାତ୍ରୀ ପିକ୍‌ନିକ୍ କରିବା ପାଇଁ ଏଠାକୁ ଆସିଥା'ନ୍ତି । ଏଠାରେ ପାହାଡ଼ ଭିତରୁ ଝରିଆସୁଥିବା ନଦୀର କୁଳୁକୁଳୁ ନାଦ ସହିତ ଶୈବ ପୀଠ ମହେଶ୍ୱରନାଥ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥାଏ । ପ୍ରାକୃତିକ ସୁଷମାର ଅପୂର୍ବ ଭଣ୍ଡାରରେ ମଣ୍ଡିତ କୋଇଲି ଘୋଘର ଆଜି ପର୍ଯ୍ୟଟକଙ୍କ ପାଇଁ ଏକ ଅନନ୍ୟ ପିକ୍‌ନିକ୍ ସ୍ଥଳୀ ଭାବେ ସାରା ଓଡ଼ିଶାରେ ସୁପ୍ରସିଦ୍ଧ ।

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ କୁଶମେଲ୍‌ବାହାଲ୍ ଗାଁ ନିକଟରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ । ସୁନ୍ଦରଗଡ଼ ଜିଲ୍ଲାର ହିମଗିରି ଅଞ୍ଚଳରେ ଅବସ୍ଥିତ ଐତିହାସିକ ଗଡ଼ସୂତା ପର୍ବତ ବକ୍ଷରୁ ସୃଷ୍ଟି ହୋଇ ବୋହି ଆସିଛି ଚିରସ୍ରୋତା ନଦୀଟିଏ । ଏହି ନଦୀର ନାମ ଅହିରାଜ । କେତେ ବାଧାବିଘ୍ନ, ଅଙ୍କାବଙ୍କା ରାସ୍ତା ଦେଇ ପାହାଡ଼, ପର୍ବତ ଓ ଜଙ୍ଗଲ ପାରି ହୋଇ 'ଛୁଇଁ ଖଞ୍ଜ' ଜଙ୍ଗଲ ଦେଇ ଅହିରାଜ ନଦୀ କୋଇଲି ଘୋଘରରେ ପାହାଡ଼ ଉପରୁ ଜୋରରେ କଚାଡ଼ି ହୋଇ ପଡୁଛି । ଆଉ ଏଠାରେ ସୃଷ୍ଟି ଜଳାଶୟର ଶୀତଳ ଜଳରେ ପର୍ଯ୍ୟଟକମାନେ ଗାଧୋଇ ପିକ୍‌ନିକ୍‌ର ମଜା ନିଅନ୍ତି । ଏହାର ପାଣି ସ୍ୱଚ୍ଛ ଓ ନିର୍ମଳ । ଗଣ୍ଡର ଜଳରେ ଅଛନ୍ତି ଛୋଟ ବଡ଼ ପ୍ରଜାତିର କଡ଼ୋ ମାଛ, ଯାହା ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟତମ ଆକର୍ଷଣ । ପାଣି ଭିତରକୁ ଖାଦ୍ୟ ପଦାର୍ଥ ଫୋପାଡ଼ିଲେ ସେଗୁଡ଼ିକୁ ଖାଇବା ପାଇଁ ମାଛମାନେ ପାଣି ଉପରକୁ ଆସିଥା'ନ୍ତି । ସୂର୍ଯ୍ୟଙ୍କ ସୁନେଲୀ କିରଣ ଜଳ ପ୍ରପାତ ଉପରେ ପଡ଼ି ପ୍ରତିଫଳିତ ହୁଏ ଇନ୍ଦ୍ରଧନୁର ସପ୍ତରଂଗ । ଏସବୁ ଦୃଶ୍ୟ ଦର୍ଶକମାନଙ୍କ ପାଇଁ ଏକାନ୍ତ ହୃଦୟସ୍ପର୍ଶୀ । ନିକଟସ୍ଥ ଜଙ୍ଗଲରୁ କୁମ୍ଭାଟିଆ, ବଣି, କଜଳପାତି, ଶୁଆ ଓ କୋଇଲି ଆଦି ପକ୍ଷୀମାନଙ୍କର କୂଜନରେ କୋଇଲି ଘୋଘରର ପରିବେଶ ଶିହରଣ ସୃଷ୍ଟି କରେ । କୋଇଲିର କୁହୁକୁହୁ ସ୍ୱର ଓ ଜଳ ପ୍ରପାତର ଘୋଘୋ ଗୁରୁ ଗମ୍ଭୀର ଶବ୍ଦ ଯୋଗୁ ଏହାର ନାମ କୋଇଲି ଘୋଘର ହୋଇଥିବା ଏ ଅଞ୍ଚଳର ଲୋକମାନେ ମତ ଦିଅନ୍ତି । ପାହାଡ଼ର ଘଞ୍ଚ ଅରଣ୍ୟ ଭେଦ କରି ଅହିରାଜ ନଦୀ ମିଳିତ ହୋଇଛି ମହାନଦୀରେ ।

ଭକ୍ତ ଚାହେଁ ସର୍ବଦା ଭଗବାନଙ୍କ ପାଖରେ ନିଜକୁ ସମର୍ପି ଦେବାକୁ । ତେଣୁ ଭକ୍ତ ଯେଉଁଠାକୁ ଗଲେ ଖୋଜେ ଏକ ମନ୍ଦିର । କୋଇଲି

ଘୋଘରରେ ଅଛି ମହେଶ୍ୱରନାଥଙ୍କ ମନ୍ଦିର । ନଦୀର କୂଳକୁ ଲାଗି ପାହାଡ଼ରେ ରହିଛି ଏହି ମନ୍ଦିରଟି । ଝାରସୁଗୁଡ଼ା ଜିଲ୍ଲାର ଅଷ୍ଟଶମ୍ଭୁ ପୀଠ ମଧ୍ୟରେ ମହେଶ୍ୱରନାଥ ଅନ୍ୟତମ । ପାଣି ଭିତରେ ବୁଡ଼ି ରହିଛି ଶିବ ଲିଙ୍ଗ । ଏହା ବାହାରକୁ ଦେଖାଯାଏ ନାହିଁ । ଭକ୍ତ ମାନେ ପାଣି ଭିତରକୁ ହାତ ପଶାଇ ଏହାକୁ ଛୁଇଁବାକୁ ଚେଷ୍ଟା କରନ୍ତି । ଏହି ଶିବ ଲିଙ୍ଗକୁ ଛୁଇଁ ପାରିଲେ ପୁଣ୍ୟ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ତେଣୁ ପର୍ଯ୍ୟଟକମାନଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ର ବିନ୍ଦୁ ହେଉଛି ମହେଶ୍ୱରନାଥ ମନ୍ଦିର । ପ୍ରାୟ ୩୦୦ ବର୍ଷ ପୂର୍ବେ ଏଠାରେ ଚଟାଣକୁ ପୂଜା କରାଯାଉଥିବା ଜନଶ୍ରୁତିରୁ ଜଣାପଡ଼େ । ଏ ଅଞ୍ଚଳର ଜନସାଧାରଣଙ୍କ ସହଯୋଗରେ ଏଠାରେ ନିର୍ମିତ ହୋଇଛି ବାବା ମହେଶ୍ୱରନାଥଙ୍କ ସଦୃଶ୍ୟ ମନ୍ଦିର । ଶ୍ରାବଣ ମାସ ସୋମବାର ଦିନ ଗୁଡ଼ିକରେ ଏଠାରେ ଶିବ ଭକ୍ତଙ୍କ ଭିଡ଼ ଲାଗି ରହେ । ବାବା ମହେଶ୍ୱର ନାଥ ମନ୍ଦିରରେ ପ୍ରତିବର୍ଷ ଶିବରାତ୍ରି ମହାସମାରୋହରେ ପାଳିତ ହୁଏ । ଏ ଅବସରରେ ବିରାଟ ମେଳା ବସେ । ଜିଲ୍ଲା ତଥା ଜିଲ୍ଲା ବାହାରୁ ଏପରି କି ପଡ଼ୋଶୀ ରାଜ୍ୟରୁ ବହୁ ଭକ୍ତ ଆସି କୋଇଲି ଘୋଘରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ମହେଶ୍ୱରନାଥଙ୍କ ଦର୍ଶନ କରି ପା'ନ୍ତି ଅପାର ଆନନ୍ଦ ଓ ଶାନ୍ତି । ସୋହନ ସ୍ୱାମୀ ନାମକ ଜଣେ ସିଦ୍ଧ ସାଧକ ପ୍ରାୟ ୧୫୦ ବର୍ଷ ତଳେ ଏଠାର ଅବସ୍ଥାନ କରୁଥିଲେ । 'ଆତ୍ମଗୀତା' ନାମକ ଏକ ଗ୍ରନ୍ଥ ମଧ୍ୟ ରଚନା କରିଥିଲେ ସୋହନ ସ୍ୱାମୀ । ତାଙ୍କର ପୋଥିପତ୍ରକୁ ଏବେ ବି ପୂଜା କରାଯାଉଛି । ବର୍ତ୍ତମାନ ଏଠାରେ ଥିବା ଶାନ୍ତି କୁଟୀର ଆଶ୍ରମରେ ମଧ୍ୟ ସ୍ୱାମୀ ମୋହନ ବାବାଙ୍କ ଭକ୍ତ ବାବାମାନେ ରହୁଛନ୍ତି ।



କେମିତି ଯିବେ:

ଝାରସୁଗୁଡ଼ା ସହରଠାରୁ ୫୭ କିଲୋମିଟର ଦୂରରେ ଅବସ୍ଥିତ କୋଇଲି ଘୋଘର ଜଳପ୍ରପାତ । ଏଠାକୁ ଯିବାକୁ ହେଲେ ରାଜଧାନୀ ଭୁବନେଶ୍ୱରରୁ ଝାରସୁଗୁଡ଼ାକୁ ସଡ଼କ ଓ ରେଳପଥର ବ୍ୟବସ୍ଥା ରହିଛି । ସଡ଼କ ପଥରେ ଆସିବା ପାଇଁ ଇଚ୍ଛୁକ ପର୍ଯ୍ୟଟକମାନଙ୍କୁ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ସରକାରୀ ବସ୍‌ରେ ସିଧାସଳଖ ଝାରସୁଗୁଡ଼ାକୁ ଆସିବାକୁ ପଡ଼ିବ । ସେହିପରି ରେଳପଥରେ ଆସିବାକୁ ହେଲେ ଭୁବନେଶ୍ୱରର ରେଲୱେ ଷ୍ଟେସନ୍ ?ରୁ ପୁରୀ ହାୱଡ଼ା ତପସ୍ୱିନୀ ଏକ୍ସପ୍ରେସ୍, ସାପ୍ତାହିକ ପୁରୀ-ଯୋଧପୁର ଏକ୍ସପ୍ରେସ୍ (ସପ୍ତାହରେ ଥରେ), ପୁରୀ ହରିଦ୍ୱାର ଉତ୍କଳ ଏକ୍ସପ୍ରେସ୍ ଓ ପୁରୀ ରାଉରକେଲା ପାସେଞ୍ଜର ଟ୍ରେନ୍‌ରେ ଯାତ୍ରୀମାନେ ଆସିପାରିବେ । କିନ୍ତୁ ଝାରସୁଗୁଡ଼ାରୁ କୋଇଲି ଘୋଘରକୁ କୌଣସି ସ୍ୱତନ୍ତ୍ର ବସ୍ ବା ଗାଡ଼ି ଯାଏ ନାହିଁ । ତେଣୁ ପର୍ଯ୍ୟଟକମାନେ ସ୍ୱତନ୍ତ୍ର ଗାଡ଼ି ବ୍ୟବସ୍ଥା କରି କୋଇଲି ଘୋଘର ଯାଇପାରିବେ ।

ତଉଆଁଶିଆ ତରଭୁଜ

ସାଧାରଣତଃ ତରଭୁଜ ଗୋଲିଆ ହୋଇଥାଏ । ତେବେ ଜାପାନ୍‌ରେ ତରଭୁଜ ସ୍କୋୟାର୍ ବା ଚାରିକଣିଆ ଭାବେ ଫଳିଥାଏ । ଯାହା ଦେଖିବାକୁ ଖୁବ୍ ସୁନ୍ଦର । ସେହିଭଳି ଏହାର ମୂଲ୍ୟ ମଧ୍ୟ ସାଧାରଣ ତରଭୁଜଠାରୁ ବେଶ ଅଧିକ । ଗୋଟା ପ୍ରତି ୭ ହଜାରରୁ ଅଧିକ ଟଙ୍କାରେ ବିକ୍ରି ହୋଇଥାଏ । ତରଭୁଜ ସାରା ଦୁନିଆରେ ପ୍ରସିଦ୍ଧ । ଏହି ତରଭୁଜଗୁଡ଼ିକ ଏକ ଗ୍ଲାସ୍‌କାର ମଧ୍ୟରେ ବଢ଼ିଥାଏ । ଯାହାର ଆକାର ସ୍କୋୟାର ସାଇଜ୍‌ର ହୋଇଥାଏ । ଏହା ୧୯ ସ୍କୋୟାର୍ ମିଟର ବଢ଼ିବା ପରେ

ତାକୁ ବିକ୍ରି ପାଇଁ କଢ଼ାଯାଇଥାଏ ।

ପନ୍ଦର୍ ଫୁଟିଆ ଗଲ୍‌ଫ ଷ୍ଟିକ୍ !

ଡେନ୍‌ମାର୍କର ଗଲ୍‌ଫ ଖେଳାଳି କାର୍ସନ୍ ମାସ୍ ଏକଦା ୧୪ ଫୁଟ୍ ୫ ଇଞ୍ଚ୍ ଲମ୍ବର ଗଲ୍‌ଫ ଷ୍ଟିକ୍ ସାହାଯ୍ୟରେ ପ୍ରକୃତରେ ଗଲ୍‌ଫି ଖେଳି ଦର୍ଶକଙ୍କୁ ଚମତ୍କୃତ କରି ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ । ତାଙ୍କ ପୂର୍ବରୁ କେହି ଏତେ ଲମ୍ବା ଗଲ୍‌ଫ ଷ୍ଟିକ୍ ବ୍ୟବହାର କରି ନଥିଲେ । ଏତେ ଲମ୍ବା ଷ୍ଟିକ୍‌କୁ ବ୍ୟବହାର କରିବା କିଛି ସହଜ କଥା ନୁହେଁ । ସେ ବେଶ୍ କିଛି ବର୍ଷ ଅଭ୍ୟାସ କଲା ପରେ ସଫଳ ହୋଇଥିଲେ । ତାହା ପରେ ତାଙ୍କ ନାମ ପ୍ରଥମ ଥର ପାଇଁ 'ଗିନିଜ୍ ବୁକ୍'ରେ ସ୍ଥାନ ପାଇଥିଲା । ଗଲ୍‌ଫ କୌଶଳ ପ୍ରଦର୍ଶନ ଓ ସେ ବାବଦରେ ନବୀନଙ୍କୁ ତାଲିମ ଦେବାଏବେ ତାଙ୍କର ମୁଖ୍ୟ କାମ ।

ତ୍ୱଚାର ଚମକ ପାଇଁ ପଦ୍ମାସନ

ସୁନ୍ଦର ଓ ସୁଢ଼ଳ ଶରୀର ପାଇଁ ଯୋଗାସନ ତ ସମସ୍ତେ କରନ୍ତି କିନ୍ତୁ କ'ଣ ଅପଣ ଜାଣନ୍ତି ତ୍ୱଚାରେ ଚମକ ଆଣିବା ପାଇଁ ମଧ୍ୟ ଯୋଗାସନର ଭୂମିକା ରହିଛି ଅନେକ । ତ୍ୱଚାରେ ଚମକ ଆଣିବା ପାଇଁ ମୂଲ୍ୟବାନ ପ୍ରସାଧାନ ସମାଗ୍ରୀର ବ୍ୟବହାର ଛାଡ଼ନ୍ତୁ ଓ ଆପଣାନ୍ତୁ ଏହି ସମହଜ ଯୋଗାସନକୁ । ଯୋଗ ଆରମ୍ଭ ପଦ୍ମାସନରୁ କରାଯାଏ । ତେବେ ଏହି ଆସନରେ ବସିବା ସଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଦୃଢ଼ ଆସନରେ ବସିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗ ଦୃଢ଼ ହୁଏ । ସୁସ୍ଥ ଓ ଚିନ୍ତାମୁକ୍ତ ମସ୍ତିଷ୍କ ପାଇଁ ଅନେକ ଏହି ଆସନରେ ବସି ଦୀର୍ଘ ସମୟ ମେଡିଟେସନ ମଧ୍ୟ କରିଥାନ୍ତି । କେବଳ ଏତିକି ନୁହେଁ, ପଦ୍ମାସନରେ ବସିଲେ ଝାଉଁଳି ପଡ଼ିଥିବା ତ୍ୱଚାରେ ମଧ୍ୟ

ଚମକ ଫେରି ଆସେ । ଏହି ଆସନକୁ କରିବା ପାଇଁ ପ୍ରଥମେ ଆସନରେ ଗୋଡ଼ ଲମ୍ବାଇ ବସନ୍ତୁ । ବାମ ପାଖ ଗୋଡ଼କୁ ଡାହାଣ ଜଘଂ ଉପରେ ଏବଂ ଡାହାଣ ଗୋଡ଼କୁ ବାମ ପାଖ ଜଘଂ ଉପରେ ରଖି ଦୁଇ ହାତକୁ ଚିନ ମୁଦ୍ରାରେ ଜଘଂ ଉପରେ ରଖି ଆଖି ବନ୍ଦ କରି ୧୦ରୁ ୧୫ ମିନିଟ୍ କିମ୍ବା ଏହା ଠାରୁ ଅଧିକ ସମୟ ବସି ରୁହନ୍ତୁ । ପ୍ରତିଦିନ ଏହି ଆସନରେ ଅଧଘଣ୍ଟା ପର୍ଯ୍ୟନ୍ତ ବସି ରୁହନ୍ତୁ । ଏହି ସମୟରେ ସାଧାରଣ ଶ୍ୱାସକ୍ରିୟା କରିପାରିବେ ।

ଚା'ପତିରୁ ଅଧିକ ଲାଭ୍ ମିଳିବ

ପ୍ରାୟ ପ୍ରତ୍ୟେକଙ୍କ ଘରେ ଚା' ହୋଇଥାଏ । ତେବେ ଚା'ପତିକୁ ଛାଣିବା ପରେ ଅନେକେ ଏହାକୁ ଖତ ଭାବେ ବ୍ୟବହାର କରନ୍ତି, ନଚେତ ଫିଙ୍ଗି ଦିଅନ୍ତି । ଏହାକୁ ନଫିଙ୍ଗି ଏପରି କାମରେ ବି ବ୍ୟବହାର କରିପାରିବେ ।

- ବଳକା ଚା'ପତି ଖୁବ୍ ଭଲଭାବେ କାମ କରିଥାଏ । ସାରା ଦିନର ଚା'ପତିକୁ ଏକାଠି କରି ଗଛରେ ଦେଲେ ଖୁବ୍ ହୃଷ୍ଟପୃଷ୍ଟ ଏବଂ ସବୁଜ ଦିଶେ ।
- ଛାଣିବା ପରେ ବାହାରିଥିବା ଚା'ପତିକୁ ପୁଣି ପାଣିରେ ଫୁଟାଇ ଏହି ପାଣିକୁ ଏକ ସ୍ପ୍ରେ ବୋତଲରେ ରଖିବେ । କାଚ ଜିନିଷ ସଫା କରିବାରେ ଏହା ଖୁବ୍ ସୁଫଳ ଦିଏ ।
- କାଚ ସହିତ କାଠର ଆସବାବପତ୍ର ସଫା କରିବାରେ ମଧ୍ୟ ଚା'ପତି ଫୁଟା ପାଣି ଉପକାରୀ । ସପ୍ତାହକୁ ଥରେ ଏହି ପାଣିରେ ଘରର ସମସ୍ତ କାଠ ଆସବାବପତ୍ର ସଫା କରନ୍ତୁ । ଏଗୁଡିକ ଉଜ୍ଜ୍ୱଳ ଦିଶିବ ।
- ଗ୍ରୀନ୍ ଟି ପିଇବାକୁ ପସନ୍ଦ କରୁଥିଲେ ଏଡି ଟି-ବ୍ୟାଗ୍ ବ୍ୟବହାର ପରେ ଫିଙ୍ଗନ୍ତୁ ନାହିଁ । ରାତିରେ ଶୋଇବା ବେଳକୁ ଏହାକୁ ହାଲ୍‌କା ଓଦା କରି ଆଖି ପତା ଉପରେ ରଖନ୍ତୁ । ୫-୧୦ ମିନିଟ୍ ପରେ ବାହାର କରିଦେବେ । ସପ୍ତାହକୁ ୩-୪ଥର ଏପରି କଲେ ଆଖି ଚାରିପଟେ ଥିବା କଳାଦାଗ ଦୂର ହୋଇଯିବ ।
- ଚା' ପତି ଫୁଟା ପାଣିରେ କେଶ ଧୋଇଲେ ଏହାର ପ୍ରାକୃତିକ ଉଜ୍ଜ୍ୱଳତା ବଢେ ।
- ପାଦ ଦୁର୍ଗନ୍ଧ ହେଉଥିଲେ ଚା'ପତି ଫୁଟା ପାଣିରେ ଦିନକୁ ୧୦ ମିନିଟ୍ ପାଦ ବୁଡାଇ ରଖନ୍ତୁ ।

ଔଷଧୀୟ ଡାଲଚିନି

ଡାଲଚିନି ଏକ ଉପକାରୀ ଗଛ । ଏହି ଗଛ ଗଛର ପ୍ରତ୍ୟେକଟି ଅଂଶ ଯଥା-ପତ୍ର, ଚେର, ଡାଳ ଆମ ନିତିଦିନିଆ ଜୀବନରେ ଦରକାରରେ ଆସିଥାଏ । ତେଣୁ ଆପଣ ନିଜ ବାଡ଼ିରେ ହେଉ କି ଛାତରେ ହେଉ, ଏହି ଗଛ ଲଗାଇ ଏହାର ଉପକାର ପାଇପାରିବେ । ଡାଲଚିନିକୁ ସାଧାରଣତଃ ମସଲା ଭାବରେ ବ୍ୟବହାର କରାଯାଇଥାଏ । ଏହାର ଅନେକ ଔଷଧୀୟ ଗୁଣ ରହିଛି । ଯାହା ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରୁ ମୁକ୍ତି ଦେଇଥାଏ । ଥଣ୍ଡା ଜ୍ୱର ହୋଇଥିଲେ ଆପଣ ଏହାକୁ ବ୍ୟବହାର କରିପାରିବେ । ଏକ ଚାମଚ ମହୁ ସହ କିଛିମାତ୍ରାରେ ଡାଲଚିନି ଗୁଣ୍ଡ ମିଶାଇ ସକାଳ ଓ ସନ୍ଧ୍ୟାରେ ସେବନ କରିବାଦ୍ୱାରା ଥଣ୍ଡାରୁ ମୁକ୍ତି ମିଳିଥାଏ । ଏହାଛଡ଼ା ହାଲକା ଗରମ ପାଣିରେ ଏକଚାମଚ ଡାଲଚିନି ଗୁଣ୍ଡ ଓ ଚିମୁଟାଏ ଗୋଲମରିଚ ମୁଣ୍ଡ ଏବଂ ମହୁମିଶାଇ ପିଇବା ଦ୍ୱାରା ଏହି ସମସ୍ୟାରୁ ସବୁଦିନ ପାଇଁ ରକ୍ଷା ମିଳିଥାଏ ।

ଅତ୍ୟାଧୁନିକ ମୋବାଇଲସ୍କ୍ରିନ୍

ସ୍ମାର୍ଟଫୋନ୍ ଏବେ ଲୋକଙ୍କର ଏକ ପ୍ରମୁଖ ସୁକ୍ । ବିଶ୍ୱବଜାରରେ ବର୍ତ୍ତମାନ ବିଭିନ୍ନ କମ୍ପାନୀର ଶସ୍ତା ଠାରୁ ମହରଗ ମୋବାଇଲଫୋନ ବିକ୍ରି ହେଉଛି । ଅଧିକାଂଶ ସ୍ମାର୍ଟଫୋନ୍ ବ୍ୟବହାରକାରୀ ନକିନ୍ତୁ ଏକ ପ୍ରମୁଖ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଜଣାପଡ଼ିଛି । ସର୍ବେକ୍ଷଣ ଅନୁସାରେ ବିଶ୍ୱସ୍ତରରେ ଗୋଟିଏ ଦିନରେ ୨ଲକ୍ଷ ମୋବାଇଲର ସ୍କ୍ରିନ୍ ଭାଙ୍ଗିଥାଏ । ମୋବାଇଲର ସଂଖ୍ୟା ଦିନକୁଦିନ ବଢ଼ିବା ସହ ସେଥିପାଇଁ ମାତ୍ରାଧିକ ପ୍ରଦୂଷଣ ବଢ଼ିବାରେ ଲାଗିଲା । ସେସବୁକୁ ଲକ୍ଷ୍ୟ କରି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ ଗବେଷକଗଣ ଏକପ୍ରକାର ଅତ୍ୟାଧୁନିକ ମୋବାଇଲ ସ୍କ୍ରିନ୍ ତିଆରି କରିଛନ୍ତି । ଯଦି ସ୍କ୍ରିନ୍ ହାତରୁ ପଡ଼ି କିମ୍ବା କୌଣସି ଦୁର୍ଘଟଣାରେ ଭାଙ୍ଗିଯିବ ତେବେ ପରବର୍ତ୍ତୀ ୯ରୁ ୧୦ମିନିଟ୍ ମଧ୍ୟରେ ତାହା ପୁନବାର ସଜାଡ଼ି ହୋଇଯିବ ସ୍କ୍ରିନରେ ଆଘାତ ହେବା ମାତ୍ରେ ସେଥିରେ ଥିବା ଏକ ତରଳ ପଦାର୍ଥ କାର୍ଯ୍ୟ ଆରମ୍ଭ କରିବ । ସେହି ସ୍ୱତନ୍ତ୍ର ମୋବାଇଲ ସ୍କ୍ରିନର ଦର ଅଧିକ ହେବ । ବିଶ୍ୱର ବିଭିନ୍ନ ମୋବାଇଲ କମ୍ପାନି ଏବେ ବ୍ରିଷ୍ଟଲ ଗବେଷକଙ୍କ ତଥ୍ୟକୁ ପ୍ରୟୋଗ କରିବା ଆରମ୍ଭ କରିବେ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୦ ଫେବୃୟାରୀ ୨୦୨୧ ,ବୁଧବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ସୁନ୍ଦର ଓ ସୁଯୋଗ ପାଇଁ ପଦକ୍ଷେପ...

ଆମ ରାଜ୍ୟର ବିଭିନ୍ନ ଧର୍ମାଳୟଗୁଡ଼ିକର ଚତୁଃପାର୍ଶ୍ୱରେ ଉଚ୍ଛେଦ ଓ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି। ମନ୍ଦିର ଚାରିପଟେ ଗଢ଼ି ଉଠିଥିବା ଜବରଦଖଲ ହେଉ କି' ଅନାବଶ୍ୟକ ଦୋକାନ ବଜାର ହେଉ, ସେଗୁଡ଼ିକୁ ହଟାଯାଇ କିଭଳି ସାଧାରଣ ଭକ୍ତମାନଙ୍କ ସକାଶେ ଠାକୁର ଦର୍ଶନକୁ ସୁଗମ ଓ ସହଜ କରାଯାଇପାରିବ, ସେ ଦିଗରେ ଏହା ସରକାରଙ୍କ ପରିକଳ୍ପିତ ଉଦ୍ୟମ ବୋଲି କୁହାଯିବ। ବିଶ୍ୱପ୍ରସିଦ୍ଧ ଶ୍ରୀକ୍ଷେତ୍ର ହେଉ କି' ଭୁବନେଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିର, ସବୁଠାରେ ଅବାଂଛିତ ଜବରଦଖଲ ଫଳରେ ସେଗୁଡ଼ିକ ଦର୍ଶନାର୍ଥୀଙ୍କ ପାଇଁ ଜଂଜାଳର କାରଣ ହୋଇଆସୁଥିଲା। ଏବେ ରାଜ୍ୟର କିମ୍ବା ବାହାରୁ ଆସୁଥିବା ଶ୍ରଦ୍ଧାଳୁ ଦେଖିପାରୁଛନ୍ତି, ବର୍ଣ୍ଣିତ ଧର୍ମପୀଠଗୁଡ଼ିକର ଚେହେରାରେ କେଉଁଭଳି ପରିବର୍ତ୍ତନ ଆସିଛି। ପଶ୍ଚିମ ଓଡ଼ିଶାର ସମଲେଶ୍ୱରୀ ପୀଠରୁ ଆରମ୍ଭ କରି ନୃସିଂହନାଥ ପୀଠର ସଂସ୍କାର ଲାଗି ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ମନ୍ଦିରଠାରୁ ଚତୁଃପାର୍ଶ୍ୱ ଜବରଦଖଲ ନେଇ ପ୍ରଶାସନ ଯେଉଁ ପଦକ୍ଷେପ ନେଇଥିଲା, ତାହାକୁ ଲିଙ୍ଗରାଜ ସୌନ୍ଦର୍ଯ୍ୟକରଣରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ଆପତ୍ତି ଉଠାଇଥିଲା। ତାହା କଥିତ ସମ୍ପ୍ରସାରଣ ଓ ଆଧୁନିକୀକରଣ ପାଇଁ ଏକପ୍ରକାର ବାଧକ ହୋଇଥିଲା। କିନ୍ତୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଉତ୍ସୁକତା ଆଗରେ ତାହା ସେତେବେଶୀ ପ୍ରତିବନ୍ଧକ ନହୋଇ ଆପାତତଃ ସୁପ୍ତ ହୋଇଗଲା। ନିକଟରେ ପୁରୀ ଶ୍ରୀମନ୍ଦିର ମାସ ମାସ ଧରି ବନ୍ଦ ରହିବା ପରେ ସୀମିତ ଭାବରେ ଦର୍ଶନ ପାଇଁ ଫିଟାଯାଇଛି। କୋଭିଡ କଟକଣାରେ ମଧ୍ୟ ଆଂଶିକ କୋହଳ ପରେ ସାଧାରଣ ଦର୍ଶନ ପାଇଁ ସହଜ କରାଯାଇପାରିଥିବା ବେଳେ ଏବେ ଆନନ୍ଦ ବଜାରରେ ଶ୍ରଦ୍ଧାଳୁମାନେ ଅବଢ଼ା ପାଇବାରେ କଟକଣା ଉଠାଯିବା ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନରେ ଆନନ୍ଦ ଖେଳାଇଦେଇଛି। ତାହାରି ଭିତରେ କେନ୍ଦ୍ରର ନ୍ୟାସନାଲ ମନୁମେଂଟ ଅଥରିଟି ପୂରାଇଥିବା କେଁ ସମସ୍ତଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଶ୍ରୀକ୍ଷେତ୍ରର ଆଧୁନିକୀକରଣ ପାଇଁ ମନ୍ଦିରର ଚତୁଃପାର୍ଶ୍ୱରେ ତିନିଶହ ମିଟର ଯାଏଁ ଛାଡ଼ିଦେବାକୁ ହେବବୋଲି ଏନ୍‌ଏମ୍‌ଏ କଂଟ ରଖିଛି। ଏହା ଅଗଣିତ ଭକ୍ତମାନଙ୍କ ଭାବାବେଗକୁ ଆଘାତ ଆଣିଥିବାରୁ ପ୍ରତିକ୍ରିୟା ଓ ପ୍ରତିବାଦର ସ୍ୱର ଉଠିଛି। କୁହାଯାଉଛି, ଯଦି ଏଭଳି କଟକଣା ଲାଗେ, ତେବେ ସେବାୟତମାନଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବା ନିଶ୍ଚିତ। ଏହା ଠାକୁରଙ୍କ ନୀତି ପାଳନରେ ବିଭ୍ରାଟ ସୃଷ୍ଟି କରିବାର ଆଶଙ୍କା ରହିଛି। କାହାର ସହ ଆଦୌ ଆଲୋଚନା ନକରି କିଭଳି ଏନ୍‌ଏମ୍‌ଏ କଟକଣା ଲଗାଇଦେବାକୁ ବସିଛି, ତାହା ସମସ୍ତଙ୍କୁ ବିସ୍ମିତ କରିଛି। କଟକଣା ଲାଗୁ କରାଯିବା ଆଗରୁ ସଂସ୍ଥା ପକ୍ଷରୁ ବିଚାର ବିମର୍ଶ କରାଯାଇଥିଲେ ହୁଏତ ଶ୍ରୀମନ୍ଦିର ପ୍ରଶାସନ ତାହାର ଦୃଷ୍ଟିଭଙ୍ଗୀ ବତାଇବାର ସୁଯୋଗ ରହିଥାନ୍ତା। ତାହା କରାଗଲା ନାହିଁ, ଓଲଟି ସର୍କୁଲାର ଜାରି କରି କୁହାଗଲା କି, ଶ୍ରୀମନ୍ଦିରର ଚାରିପଟେ ୩୦୦ ମିଟର ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। କଥିତ କଟକଣା ଭକ୍ତମାନଙ୍କ ଭାବାବେଗକୁ ଶକ୍ତ ଚୋଟ ମାରିଲା ଭଳି ହୋଇଛି। ସଂସଦରେ ଆମ ପ୍ରତିନିଧିମାନେ ଏନେଇ କେନ୍ଦ୍ରୀୟ ସଂସ୍ଥାର ଅବାଂଛିତ ହସ୍ତକ୍ଷେପକୁ ବିରୋଧ କରିବା କଥା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହା ମଧ୍ୟରେ ଚିଠି ଲେଖା ହୋଇଛି। ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଏମିତିରେ ଗମ୍ଭୀରତାର ସହ ନେଇଛନ୍ତି। ପ୍ରସ୍ତାବିତ ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ ରାସ୍ତାରୁ ଅବାଂଛିତ କଂଟାକୁ ହଟାଯିବା ଅତ୍ୟନ୍ତ ଜରୁରି। ମାତ୍ର ଏହାକୁ କେନ୍ଦ୍ର ଓ କେନ୍ଦ୍ରୀୟ ସଂସ୍ଥା କେଉଁଭାବରେ ସମାଧାନ କରୁଛନ୍ତି, ତାହା ଦେଖାଯିବାର କଥା। ବିଜ୍ଞପ୍ତି ପ୍ରତ୍ୟାହାର ତୁରନ୍ତ ହେବା ସହ ସମ୍ପ୍ରସାରଣ ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରାଯିବା ପାଇଁ ରାସ୍ତା ଫିଟିବ। କେନ୍ଦ୍ର ସରକାର ଯେମିତି ପର୍ଯ୍ୟଟନ ବିକାଶ ଓ ପର୍ଯ୍ୟଟନ ସଂଖ୍ୟାବୃଦ୍ଧି ପାଇଁ ଆଗ୍ରହୀ ଥିବା ହେତୁ ରାଜ୍ୟରେ ଥିବା ପ୍ରସିଦ୍ଧ ପୀଠଗୁଡ଼ିକର ବିକାଶ ପାଇଁ ରହିଥିବା ପ୍ରତିବନ୍ଧକଗୁଡ଼ିକୁ ହଟାଇବା ପାଇଁ ବହୁକିଛି ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ବଡ଼ଦେଉଳର ସେବାୟତ ଓ ସାହିବାସିନ୍ଦାମାନେ ଏନେଇ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ତାହାକୁ ଧ୍ୟାନରେ ରଖି ଏନ୍‌ଏମ୍‌ର ବିଜ୍ଞପ୍ତିରେ ସଂଶୋଧନ କିଭଳି ଜରୁରୀ ତାହା ଉପରେ ଜନମତ ସୃଷ୍ଟିର ଆବଶ୍ୟକ ମଧ୍ୟ ରହିଛି। ସରକାର ଜନମତର ଗୁରୁତ୍ୱକୁ ଗ୍ରହଣ କରି ତଥା ରାଜ୍ୟ କର୍ତ୍ତୃପକ୍ଷଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବା ପରେ ଏଭଳି ନିଷେଧାଦେଶକୁ ପ୍ରତ୍ୟାହାର କରିନେବା ବାସ୍ତବିକ ଶ୍ରଦ୍ଧାଳୁ ଓ ସେବାୟତଙ୍କ ଉଦବେଗକୁ ପ୍ରଶମିତ କରିଛି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ।

ପ୍ରଭୁ ତୁମ ପାଇଁ ...

ଅମରନାଥ ବାରିକ୍

ଅତି ଯତନରେ ଘର ଅଗଣାରେ
ଲଗାଇ ଅଛି ତୁଳସୀ
ଭକ୍ତି ଜଳ ଟେକି ପୂର୍ଣ୍ଣ ଆଞ୍ଜୁଳାରେ
ଶରଧା ଦେଇ ପରଶି ।

ଗୁନ୍ଥିବି ବୋଲିକି ତୁଳସୀର ମାଳ
ବାଡ଼ି ବଗିଚାରୁ ମୁହିଁ
ଆଣିଛି କଦଳୀ ପଟୁଆ ସାଇତି
ଭାବରେ ରଙ୍ଗେଇ ତହିଁ ।

ବାଛି ବାଛି କେତେ କାଟିଛି ବାଉଁଶ
ବଇଁଶି କରିବା ପାଇଁ
ଗୋଟି ଗୋଟି କରି ତୋଳିଛି ମଲ୍ଲୀକୁ
କୁଞ୍ଜବନ ସାରା ଧାଇଁ ।

କୁଞ୍ଚିତ କେଶକୁ ଶୋଭା ଦିଶେ ବୋଲି
ମୟୂର ଚନ୍ଦ୍ରିକା ଆଣି
ରଖିଛି ସଜେଇ ଆନନ୍ଦ ମନରେ
ଦିବାନିଶି ପରା ଗଣି ।

ଲବଣୀରେ ତୁମ ମନ ଥାଏ ଜାଣି
ବାନ୍ଧିଛି ଗୋଠରେ ଗାଈ
ଡାକୁଛି ଅଧମ କରୁଣ କଣ୍ଠରେ
ଖାଅ ମୋ କଳାକହ୍ନାଇ ।

ଆସ ଥରେ ମୋର ହୃଦ ମନ୍ଦିରକୁ
କରିଛି ଦୁଆର ଖୋଲା
ହରିନିଅ ଯେତେ ଜୀବନର ଦୁଃଖ
ଭରି ସୁଖ ଶାନ୍ତି ଡ଼ାଲା ।

+କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫

ଭାରତ-ଆମେରିକା ସଂପର୍କର ନୂଆ ଦିଗ

ଶରତ କୁମାର ଦାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଚୀନ୍ ପ୍ରତି କଠୋର ଦୃଷ୍ଟିଭଙ୍ଗୀ ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ନିଷ୍ପତ୍ତି ତଥା ନୀତିରେ ତାଳ ମେଳ ରହୁନଥିଲା । ବାଇଡେନଙ୍କ ସମୟରେ ଏହା ଆହୁରି ମଜଭୁତ ହେବ । ଅବଶ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଭାରତ ଏସବୁ କ୍ଷେତ୍ରରେ ନିଜକୁ ସକ୍ରିୟ କରୁଛି ।ତଥାପି ଦୁଇଦେଶ ସାମରିକ ସହଯୋଗ କ୍ଷେତ୍ରରେ ଆଗେଇ ଯିବେ ବୋଲି ଆଶା କରାଯାଏ ।

ଭାରତ ଓ ଆମେରିକା ସଂପର୍କର ଏକ ନୂଆ ଦିଗ ସ୍ୱରୂପ ବାଇଡେନ ତାଙ୍କ ନୂଆ କ୍ୟାବିନେଟ୍‌ରେ ୨୦ ରୁ ଉର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କୁ ସାମିଲ କରିଛନ୍ତି, ଯେଉଁଥିରିକି କେବଳ ୧୩ ଜଣ ମହିଳା ଅଛନ୍ତି । ଆମେରିକା ଜନସଂଖ୍ୟାରେ ଭାରତୀୟ ମାନଙ୍କ ସଂଖ୍ୟା ଏକ ପ୍ରତିଶତରୁ ଅଧିକ ନୁହଁନ୍ତି । ତଥାପି ଭାରତୀୟ ବଂଶୋଦ୍ଭବ କମଳା ହାରିସ ବାଇଡେନଙ୍କ ସହଯୋଗୀ ରୂପେ ଆମେରିକାର ପ୍ରଥମ ମହିଳା ଉପରାଷ୍ଟ୍ରପତି ହେବା ଭାରତ-ଆମେରିକା ସଂପର୍କର ଗୁରୁତ୍ୱ ବୃଦ୍ଧି କରିବାରେ ସାହାଯ୍ୟ କରିଛି । ଏହାର ପ୍ରଭାବ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଅନୁଭୂତ ହେବ ନିଶ୍ଚୟ ଓ ଭବିଷ୍ୟତରେ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟିକ, ସାମରିକ, କୂଟନୈତିକ,ଅର୍ଥନୈତିକ ଓ ବୈଦେଶିକ ସମ୍ପର୍କର ମୂଳଦୁଆକୁ ସଶକ୍ତ କରିବାର ଆଶା ଉଜ୍ଜୀବିତ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଅବଶ୍ୟ ଭାରତ ସହ ଆମେରିକାର ସମ୍ପର୍କ ଆଦୌ ନୂଆ ନୁହେଁ । ଦଳ ନିର୍ବିଶେଷରେ ଉଭୟ ରିପବ୍ଲିକାନ ଓ ଡେମୋକ୍ରାଟମାନେ ଭାରତ ସହିତ ବହୁ ପୂର୍ବରୁ ସମ୍ପର୍କର ସେତୁବନ୍ଧ ବାନ୍ଧିବାରେ ସଫଳ ହୋଇଛନ୍ତି । ୧୯୫୯ ମସହିରେ ଓଇଟି ଡି ଇସେନହାଓର ଆମେରିକାର ପ୍ରଥମ ରାଷ୍ଟ୍ରପତି ରୂପେ ଭାରତ ଗ୍ରସ୍ତରେ ଆସି ଦୁଇ ଦେଶର ସମ୍ପର୍କକୁ ମଜଭୁତ କରିଥିଲେ । ଏହାପରେ ୧୯୬୯ ରେ ରିଚାର୍ଡ ନିକ୍ସନ ୧୯୭୮ ରେ ଜିମି କାର୍ଟର ,୨୦୦୦ ରେ ବିଲ୍ କ୍ଲିଣ୍ଟନ,୨୦୦୬ ଓ ୨୦୧୦ ରେ ବାରାକ ଓବାମା,୨୦୧୫ ଓ ୨୦୨୦ରେ ଡୋନାଲ୍ଡ ଟ୍ରମ୍ପ ଭାରତ ଗ୍ରସ୍ତରେ ଆସିଥିଲେ । ଏହାଦ୍ୱାରା ଭାରତ ଯେ ଆମେରିକାକୁ ନିଜର ପ୍ରମୁଖ ସହଯୋଗୀ ଭାବୁଛି ତାହାନୁହେଁ ଆମେରିକା ମଧ୍ୟ ଭାରତକୁ ନିଜ ରଣନୀତିର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରୂପେ ବିବେଚନା କରିବା ସ୍ୱାଭାବିକ ।

ବାଇଡେନ ମଧ୍ୟ ଉପରାଷ୍ଟ୍ରପତି ତଥା ବିଭିନ୍ନ ପଦପଦବୀରେ ଥିବାବେଳେ ଅନେକ ଥର ଭାରତ ଗ୍ରସ୍ତରେ ଆସିଛନ୍ତି ।୨୦୦୬ ରେ ସେ କହିଥିଲେ,' ମୋର ସ୍ୱପ୍ନ ହେଉଛି ୨୦୨୦ ରେ ଭାରତ ଓ ଆମେରିକା ବିଶ୍ୱର ଦୁଇଟି ପ୍ରମୁଖ ସହଯୋଗୀ ରାଷ୍ଟ୍ର ହେବେ । 'ଭାରତ-ଆମେରିକାର ଦ୍ୱିପାକ୍ଷିକ ସମ୍ପର୍କର ଭବିଷ୍ୟତକୁ ନେଇ ବାଇଡେନଙ୍କ କ୍ୟାବିନେଟ୍ ର ମନୋନୀତ ପ୍ରତିରକ୍ଷା ମନ୍ତ୍ରୀ ଲଏଡ ଅଷ୍ଟିନ ମଧ୍ୟ ଅନୁରୂପ ମତାମତ ପ୍ରଦାନ କରିଛନ୍ତି । ଅବସରପ୍ରାପ୍ତ ଜେନେରାଲ ଅଷ୍ଟିନ କହିଛନ୍ତି ଯେ ଆଗାମୀ ଦିନରେ ଭାରତ ସହିତ ଆମେରିକାର ସମ୍ପର୍କ ଆହୁରି ମଜଭୁତ ହେବ । ଭାରତକୁ ଏକ ପ୍ରମୁଖ ପ୍ରତିରକ୍ଷା ଅଂଶୀଦାର ଭାବେ ମାନ୍ୟତା ଦେବାକୁ ଆମେରିକା ଗୁରୁତ୍ୱ ଦେବ ।

ଜୋ ବାଇଡେନ ଓ ତାଙ୍କ ପ୍ରଶାସନ ଭାରତର କୃଷିନିୟମରେ ସଂସ୍କାର ଗୁଡିକୁ ସମର୍ଥନ କରିଛନ୍ତି । ଭାରତର କୃଷି ନୀତି କୃଷକମାନଙ୍କର ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରିବ ବୋଲି ବାଇଡେନ ମତପୋଷଣ କରିଛନ୍ତି । ଏହା ଭାରତୀୟ ବଜାରର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହିତ ଘରୋଇ ପୁଂଜି ନିବେଶ କରିବାକୁ ଉତ୍ସାହିତ କରିବ ବୋଲି ସେ ଆଶା ପୋଷଣ କରିଛନ୍ତି ।

ଅବଶ୍ୟ ବାଇଡେନ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ନାଗରିକତ୍ୱ ସଂଶୋଧନ ଆଇନ ଓ ଜାମ୍ମୁ କାଶ୍ମୀର ପ୍ରସଙ୍ଗ ଉତ୍ଥାପନ କରିବା ସହିତ ଏ ସଂକ୍ରାନ୍ତରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ । ଏ କଥାକୁ ଭାରତର ପ୍ରଧାନମନ୍ତ୍ରୀ ଭୁଲିନଯାଇ ଗମ୍ଭୀରତାର ସହ ବିଚାର କରିବା ଆବଶ୍ୟକ । ଏବେ ପରିସ୍ଥିତି ବଦଳିଯାଇଥିବାରୁ ଏ ସଂକ୍ରାନ୍ତରେ ବାଇଡେନ ନିଜର ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ପ୍ରଦର୍ଶନ କରିବା ଉଚିତ । ସମସ୍ୟାଗୁଡ଼ିକୁ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କଲେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ ହୋଇପାରିବ ବୋଲି ଆଶା କରାଯାଏ । ବିଶେଷକରି ପ୍ରତିରକ୍ଷା, ଶକ୍ତି, ଜଳବାୟୁ ସଙ୍କଟ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟ ଏବଂ ଅପ୍ରବାସନ ନୀତି ଆଦି କ୍ଷେତ୍ରରେ ଭାରତ-ଆମେରିକା ସମ୍ପର୍କ ଅଧିକ ମଜଭୁତ ହେବ ଓ ଏହି ସମ୍ପର୍କିର ସେତୁକୁ ଅଧିକ ସୁଦୃଢ କରିବାରେ ଆମେରିକାରେ ରହୁଥିବା ୪.୫ ମିଲିୟନ ଭାରତୀୟ ବଂଶଜ ମୁଖ୍ୟ ଭୂମିକା ଗ୍ରହଣ କରିବେ । ଏକଦା ହେନେରୀ କିସିଂଜର କହିଥିଲେ , 'ଆମେରିକା ଏକ ବାସ୍ତବବାଦୀ ଦେଶ ଓ ଏହା ନିଜ ସ୍ୱାର୍ଥ ସହିତ ଅନ୍ୟ ଦେଶଗୁଡିକର ସ୍ୱାର୍ଥ ମଧ୍ୟ ଦେଖିଥାଏ । 'ଏହି ଉକ୍ତି ପରିପ୍ରେକ୍ଷୀରେ ବାଇଡେନଙ୍କ ଭାରତ ସହ ସମ୍ପର୍କର ରଣନୀତି ଗୁରୁତ୍ୱ ବହନ କରେ ।'

(ସମାପ୍ତ)

ବଡବିଲ ମହାବିଦ୍ୟାଳୟ,
ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ନଳିନୀ କୁମାର ପଣ୍ଡା

ଗର୍ବରେ ଉଡୁ ତ୍ରିରଙ୍ଗା ଆକାଶେ କୃଷକର ହେଉ ଜୟ

କେନ୍ଦ୍ର ସରକାର କୃଷିଜାତ ଦ୍ରବ୍ୟଗୁଡ଼ିକ ନିମିତ ଉପଯୁକ୍ତ ବଜାର ଯୋଗାଇବା ସହ କୃଷକମାନଙ୍କ ଆୟବୃଦ୍ଧି ସକାଶେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଆଇନ ଆଣିଛନ୍ତି, ଯାହାକୁ ବିରୋଧକରି କେତେକ କୃଷକ ସଂଗଠନ ଦୁଇମାସ ହେବ ଆନ୍ଦୋଳନ କରୁଛନ୍ତି। ପରିସ୍ଥିତି ଏମିତି ହେଲାଯେ ଚଳିତ ବର୍ଷ ପବିତ୍ର ଗଣତନ୍ତ୍ର ଦିବସରେ ଚାଷୀ ଆନ୍ଦୋଳନ ନାଁ ରେ କିଛି ଅସାମାଜିକ ତତ୍ୱ ଆମର ରଷ୍ଟ୍ରୀୟ ଧ୍ୱଜ, ଆମ ଦେଶର ଗର୍ବ, ଗୌରବ ଓ ସମ୍ମାନ, ଏକତା, ଅଖଣ୍ଡତା ଏବଂ ସ୍ୱାଧୀନତାର ପ୍ରତୀକ "ତ୍ରୀରଙ୍ଗା" ପତାକାକୁ ଅପମାନ କଲେ ଆଉ ଭୁଲିଗଲେ "ଛେପ ଉପରକୁ ପକାଇଲେ ନିଜ ମୁଁହରେ ହିଁ ପଡ଼ିଥାଏ" । ଅର୍ଥାତ "ତ୍ରୀରଙ୍ଗା"ର ଅପମାନ ହେଉଛି ନିଜର ଅପମାନ। କାରଣ ଏହା ହେଉଛି ଆମ ଦେଶର ପରିଚୟ।

କେନ୍ଦ୍ର ସରକାର କୃଷିଜାତ ଦ୍ରବ୍ୟଗୁଡ଼ିକ ନିମିତ ଉପଯୁକ୍ତ ବଜାର ଯୋଗାଇବା ସହ କୃଷକମାନଙ୍କ ଆୟବୃଦ୍ଧି ସକାଶେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଆଇନ ଆଣିଛନ୍ତି, ଯାହାକୁ ବିରୋଧକରି କେତେକ କୃଷକ ସଂଗଠନ ଦୁଇମାସ ହେବ ଆନ୍ଦୋଳନ କରୁଛନ୍ତି। ପରିସ୍ଥିତି ଏମିତି ହେଲାଯେ ଚଳିତ ବର୍ଷ ପବିତ୍ର ଗଣତନ୍ତ୍ର ଦିବସରେ ଚାଷୀ ଆନ୍ଦୋଳନ ନାଁ ରେ କିଛି ଅସାମାଜିକ ତତ୍ୱ ଆମର ରଷ୍ଟ୍ରୀୟ ଧ୍ୱଜ, ଆମ ଦେଶର ଗର୍ବ, ଗୌରବ ଓ ସମ୍ମାନ, ଏକତା, ଅଖଣ୍ଡତା ଏବଂ ସ୍ୱାଧୀନତାର ପ୍ରତୀକ "ତ୍ରୀରଙ୍ଗା" ପତାକାକୁ ଅପମାନ କଲେ ଆଉ ଭୁଲିଗଲେ "ଛେପ ଉପରକୁ ପକାଇଲେ ନିଜ ମୁଁହରେ ହିଁ ପଡ଼ିଥାଏ" । ଅର୍ଥାତ "ତ୍ରୀରଙ୍ଗା"ର ଅପମାନ ହେଉଛି ନିଜର ଅପମାନ। କାରଣ ଏହା ହେଉଛି ଆମ ଦେଶର ପରିଚୟ। ଏପରି ଲୋକଙ୍କ ବିରୋଧରେ ସରକାର ଶକ୍ତ ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର, ଯେପରି ଭବିଷ୍ୟତରେ ଏହାର ପୁନରାବୃତି ନହେବ। ଆମ ଭାରତ ଏକ କୃଷି ପ୍ରଧାନ ଦେଶ।ଏହାର ଉନ୍ନତି କୃଷକର ଉନ୍ନତିରେ ରହିଛି। ଅର୍ଥାତ କୃଷକର ଉନ୍ନତି ହେଲେହିଁ ଦେଶର ପ୍ରଗତି ହୋଇପାରିବ ଏବଂ ଆମର "ତ୍ରୀରଙ୍ଗା" ସଗର୍ବେ ଆକାଶରେ ଉଡ଼ି ପାରିବ। ସେଥିପାଇଁ ସରକାର କୃଷି ସଂସ୍କାର ଆଇନକୁ ଆଣିଛନ୍ତି । ଏବେ ଆସନ୍ତୁ ଜାଣିବା ଏହି ତିନୋଟି କୃଷି ସଂସ୍କାର ଆଇନ୍ ଦ୍ୱାରା କିପରି ଦେଶରେ କୃଷି ପରିଦୃଶ୍ୟ ବଦଳିପାରିବ।

ଏହି ତିନି ଆଇନ ମଧ୍ୟରୁ ପ୍ରଥମ ଆଇନଟିକୁ ବେଶି ବିରୋଧ ହେଉଛି। ସିଧା କହିବାକୁ ଗଲେ ଏହି ଆଇନ କୃଷି ବିପଣନ ଅଧିନିୟମର ସଂସ୍କାର ସହିତ ଜଡ଼ିତ।ଏଥିରେ ଚାରିଗୋଟି ବିନ୍ଦୁ ଉପରେ ତଥାକଥିତ କୃଷକ ମାନଙ୍କର ବିରୋଧ ହେଉଛି।ଏହି ଚାରୋଟି ବିନ୍ଦୁ ହେଉଛି, ଏପିଏମସି ମଣ୍ଡି ମାନଙ୍କ ବାହାରେ ବଜାରର ପରିଭାଷା ବା ଅର୍ଥ, ବେପାରୀର ସଂଜ୍ଞା, ବଜାର ଶୁଳ୍କ ଏବଂ କୃଷକ ତଥା ବେପାରୀମାନଙ୍କ ହେବାକୁ ଥିବା କୌଣସି ବି ବିବାଦକୁ ସମାଧାନ କରିବାର ପ୍ରକ୍ରିୟା। ଆଶ୍ଚର୍ଯ୍ୟର କଥା ସବୁ ଜାଗାରେ, ସମାଚାର ବା ସମ୍ବାଦପତ୍ରରେ ଏବଂ କୃଷକମାନଙ୍କ ରାଲିରେ ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍‌ଏସ୍‌ପି ହଟେଇବାକୁ ଆଳ କରାଯାଉଛି, ଯାହାକି କୃଷି ଆଇନରେ ବିଲକୁଲ୍ ନାହିଁ।

ସତ୍ୟତ ଏହା ଯେ କୃଷି ଉତ୍ପାଦ ବିପଣନ କମିଟି ମଣ୍ଡି ମାନଙ୍କର ଅଧିକାର ବା ତାହାର ମହତ୍ୱକୁ ଏହି ଆଇନରେ କୌଣସି ପ୍ରକାରରେ କମ୍ କରାଯାଇନାହିଁ। ଅଧିକନ୍ତୁ ନିଶ୍ଚିତ ଏହିପରି ବ୍ୟବସ୍ଥା କରାଯାଇଛି କି ମଣ୍ଡି ବାହାରେ କୌଣସି କୃଷକ ପାଖରୁ କିଣାଯାଇଥିବା କୃଷି ଉତ୍ପାଦ ଉପରେ କୌଣସି ପ୍ରକାର କିଛିବି କର ନିଆଯାଇ ପାରିବନାହିଁ। ସବୁ ସମସ୍ୟାର ମୂଳ ଏହି କର ବା ଶୁଳ୍କ ହିଁ ଅଟେ। ପଞ୍ଜାବର ମଣ୍ଡିମାନଙ୍କରେ ଚାଷୀମାନଙ୍କୁ ସବୁଠାରୁ ଅଧିକା କର ଦେବାପାଇଁ ପଡ଼େ। ବଜାର ଶୁଳ୍କ ଭାବରେ ୩ ପ୍ରତିଶତ, ଗ୍ରମୀଣ ବିକାଶ ଶୁଳ୍କ ବାବଦରେ ୩ ପ୍ରତିଶତ ଓ ମଧ୍ୟସ୍ଥି କମିଶନ ନାଁରେ ୨.୫ ପ୍ରତିଶତକୁ ମିଶାଇ ପଞ୍ଜାବର ପତ୍ୟେକ କୃଷକ ୧୦୦.୦୦ ଟଙ୍କାର ଉତ୍ପାଦ ବିକ୍ରିରେ ୮.୫୦ ଟଙ୍କା କର ହିସାବରେ ଦିଏ। ଏହା ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ବହୁତ ଅଧିକ, ଯାହାକି ମୋଟାମୋଟି ବାବରେ ୧ - ୩ ପ୍ରତିଶତ ଅଟେ। ଏହାର

ପ୍ରଭାବ ଏକ ଉଦାହରଣରୁ ସ୍ପଷ୍ଟ ବୁଝାଯାଇପାରେ। ଏହି ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ

ସମ୍ପତିଗତ ଅଧିକାର ଓ ଭ୍ରାତା ଭଗ୍ନୀଙ୍କ ସଂପର୍କ

ପ୍ରଦୀପ୍ତ ଆଚାର୍ଯ୍ୟ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଇଶାଣୀ ବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦

ଦେଶରେ ୭୪ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତିର ଅବ୍ୟବହିତ ପୁର୍ବରୁ ,ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଦିନ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ଅରୁଣ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏକ ତିନିଜଣିଆ ଖଣ୍ଡପୀଠ , ମହିଳା ମାନଙ୍କର ପୈତୃକ ସମ୍ପତି ଉପରେ , ଉତରାଧିକାରୀ ହିସାବରେ ଅଧିକାର ସାବ୍ୟସ୍ତ ସମ୍ପର୍କୀୟ ଏକ ଗୁରୁତ୍ୱପୂର୍ଣ୍ଣ ଯୁଗାନ୍ତକାରୀ ନିଷ୍ପତି ଜାରୀ କରିଥିଲେ। ବିଳମ୍ବରେ ହେଲେ ମଧ୍ୟ, କନ୍ୟାମାନଙ୍କର ପିତାଙ୍କ ସମ୍ପତିରେ ଅଂଶୀଦାର ହେବା ପରି ଏକ ଆଇନ, ମହିଳା ମାନଙ୍କର ସ୍ୱାଭିମାନ, ସମ୍ମାନ ବୃଦ୍ଧି ତଥା ସାମାଜିକ କ୍ଷେତ୍ରରେ ଅବହେଳାର ଶିକାରରୁ ମୁକ୍ତି କରାଇବାରେ ସହାୟକ ହେବା ପରି ଏକ ସ୍ୱାଗତ ଯୋଗ୍ୟ ନିଷ୍ପତି। ପୂର୍ବରୁ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ଅନୁଚ୍ଛେଦରେ ଧାରା ୧୪, ୧୫, ୧୫(୩), ୧୬, ୩୯କ, ୩୯ଖ, ୩୯ଗ ଏବଂ ୪୨ ରେ ସମାନତା ଅଧିକାର ସମ୍ପର୍କରେ ବିସ୍ତୃତ ବିବରଣୀ ସ୍ଥାନୀତ ହୋଇଅଛି। ଧାରା ୧୫ରେ ଧର୍ମ,ଜାତି, ଜନ୍ମସ୍ଥାନ ଏବଂ ଲିଙ୍ଗଗତ ସମାନତା ବିଷୟ ଉଲ୍ଲେଖ ଅଛି, ଯଦ୍ୱାରା ଜଣେ ମହିଳାର ପୁରୁଷ ମାନଙ୍କ ପରି ସାମାଜିକ, ଅର୍ଥନୈତିକ, ଶିକ୍ଷା ତଥା ରାଜନୈତିକ କ୍ଷେତ୍ରରେ ସମାନ ଅଧିକାର ରହିବ। ହିନ୍ଦୁ ଉତରାଧିକାରୀ ଆଇନ୧୯୫୬ର ଧାରା ୧୪ରେ ମହିଳା ମାନଙ୍କର ଅଧିକାର ସମ୍ପର୍କିତ କୌଣସି ସ୍ପଷ୍ଟ ତଥ୍ୟ ପ୍ରଦାନ କରାଯାଇନାହିଁ। କିନ୍ତୁ ୨୦୦୫ ସେପ୍ଟେମ୍ବର ୯ ତାରିଖରେ ପାରିତ ସଂଶୋଧନ ପ୍ରସ୍ତାବରେ ପୈତୃକ ସମ୍ପତିରେ କନ୍ୟାମାନଙ୍କର ଅଧିକାର ସାବ୍ୟସ୍ତ ହେଲା। ଉକ୍ତ ସଂଶୋଧନ ପ୍ରସ୍ତାବ ପରେ ମଧ୍ୟ ବାରମ୍ବାର ଦ୍ୱନ୍ଦ ଉପୁଜିବାରୁ ବିଭିନ୍ନ ସମୟରେ ଆଇନର ତର୍ଜମା କରାଯାଇ ଭିନ୍ନଭିନ୍ନ ମତ ରଖାଯାଇଥିଲା। କିନ୍ତୁ ଗତ ଅଗଷ୍ଟ ୧୧ତାରିଖରେ ଏହାର ବିଭିନ୍ ଦିଗ ଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇ କନ୍ୟାମାନେ ପୈତୃକ ସମ୍ପତିର ଏକ ଅଂଶୀଦାର ବୋଲି ସ୍ପଷ୍ଟ ମତ ରଖାଗଲା। ଆଇନ ପ୍ରଣୟନ ଏବଂ ତାକୁ କାର୍ଯ୍ୟକାରୀ କରାଇବା ଦୁଇଟି ସ୍ୱତନ୍ତ୍ର କଥା। ଯୌତୁକ ଆଦାନ ପ୍ରଦାନ ଏକ ଦଣ୍ଡନୀୟ ଅପରାଧ। ପରନ୍ତୁ ଆଜିବି ଅସହାୟା ବଧୂ ଯୌତୁକ ଯନ୍ତ୍ରଣାରେ ଜର୍ଜରିତ । ପ୍ରତ୍ୟେକଦିନ ସମ୍ବାଦ ପତ୍ରର ପୃଷ୍ଠା ମଣ୍ଡନ କରୁଛି ଯୌତୁକ ଜନିତ ହତ୍ୟା ଏବଂ ଆତ୍ମହତ୍ୟା। ଏବେବି ସେ ପ୍ରଥା ସମସ୍ତଙ୍କ ଜ୍ଞାତସାରରେ ସମାଜରେ ପ୍ରଚଳିତ ଯାହାକି ପୈତୃକ ସମ୍ପତିରେ କନ୍ୟାମାନଙ୍କର ଅଧିକାର ଆଇନ ସହିତ ଅଙ୍ଗାଙ୍ଗୀଭାବେ ଜଡିତ। ନିଉୟର୍କ ୟୁନିଭରସିଟିର କିଙ୍ଗସ୍ କଲେଜ ଏବଂ ଏସେକ୍ସ ୟୁନିଭରସିଟିର ମିଳିତ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ୧୯୭୦ ରୁ ୧୯୯୦ ମଧ୍ୟରେ ଅନେକ ବଧୂହତ୍ୟା ଏବଂ କନ୍ୟାଭ୍ରୁଣ ହତ୍ୟା ସଙ୍ଗଠିତ ହୋଇଅଛି। ଆଜିବି ଗୃହରେ କନ୍ୟା ସନ୍ତାନର ଆଗମନରେ ପରିବାର ସଦସ୍ୟଙ୍କ ମୁଖମଣ୍ଡଳରେ ନିରାନନ୍ଦର ଝଲକ୍। ପୁରୁଷ ପ୍ରାଧାନ୍ୟ ସମାଜରେ କନ୍ୟାର ସାମାଜିକ ସୁରକ୍ଷା ନିମନ୍ତେ ପିତା ମାତା ସନ୍ଦିହାନ। କନ୍ୟାର ବିବାହ ଏବଂ ଯୌତୁକ ନିମନ୍ତେ ବିପୁଳ ଅର୍ଥବ୍ୟୟର ଆଶଙ୍କାରେ ପରିବାର ସଦସ୍ୟ ଆତଙ୍କିତ। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁଯାୟୀ କନ୍ୟାର ପିତା ଏବଂ ଭ୍ରାତା ବିଭିନ୍ନ ପର୍ବପର୍ବାଣିରେ ଭାର ଓ ଅନ୍ୟାନ ଜିନିଷ ଧରି କନ୍ୟା ଘରେ ପହଂଚିବା ପ୍ରଥା ଏବେ ମଧ୍ୟ ପ୍ରଚଳିତ। ବିଚାରପତିଙ୍କ ଯଥାର୍ଥ ଉକ୍ତି ଥିଲା, ଝିଅଟି ସାରା ଜୀବନ ଝିଅ ହୋଇ ରହିବ କିନ୍ତୁ ପୁଅଟି ବିବାହ ପର୍ଯ୍ୟନ୍ତ ପୁଅ ହୋଇ ରହିବ। ମୋର ଜଣେ ସହକର୍ମୀ ଦୁଇଟି କନ୍ୟା ସନ୍ତାନର ଜନନୀ ହେବାପରେ ଅତ୍ୟନ୍ତ ମର୍ମାହତ ହୋଇପଡିଥିଲେ ଏବଂ ସେତିକିବେଳେ ମୁଁ ତାଙ୍କ ପାଖକୁ ଗୋଟିଏ କବିତା ପଠାଇଥିଲି ଯାହାକି ମୋର ବ୍ୟଙ୍ଗ ପସରା କବିତା ପୁସ୍ତକରେ ପ୍ରକାଶିତ। କବିତାଟି ହେଲା (ପୁଅଟି ମୋହର, ପୁଅ ହୋଇଥିବ, ମୋ ବୋହୂ ଆସିବା ଯାଏ, ଝିଅଟି ମୋହର, ଝିଅ ହୋଇଥିବ, ମୋ ଜୀବନ ଥିବା ଯାଏ। ଝିଅତ ନୁହଁଇ (Tension)ଟେନସନ୍ ଭାଇ, (Ten Son)ଟେନ୍ ସନ୍ ସାଙ୍ଗେ ସମାନ, ଦଶଟି ପୁଅର , କାମ ଦେଖାଇବ, ଦେହେ ଥିବା ଯାଏ ଜୀବନ। ପୂର୍ବରୁ ଝିଅ ମାନଙ୍କର ଅଧିକାର ଥାଇ ମଧ୍ୟ ସେମାନେ ପିତା ଏବଂ ଭ୍ରାତାମାନଙ୍କୁ ସେମାନଙ୍କ ଭାଗକୁ ଉପଭୋଗ କରିବା ପାଇଁ ସମ୍ପତି ପ୍ରଦାନ କରିଦେଉଥିଲେ। ନୂତନ ପ୍ରବର୍ତ୍ତିତ ବ୍ୟବସ୍ଥାକୁ ପୁରୁଷ ମାନେ ସହୃଦୟତାର ସହିତ ଗ୍ରହଣ କରିନେଲେ, ପ୍ରଚଳିତ ସାମାଜିକ ପରମ୍ପରା ଯଥା କନ୍ୟାର ବିବାହ ଉତ୍ସବରେ ବିଶେଷ କିଛି ଅସୁବିଧା ହେବ ନାହିଁ। ଆମେ ଚିନ୍ତା କରିବା ଆବଶ୍ୟକ, କନ୍ୟା ସ୍ଥାନରେ ପୁତ୍ରଟିଏ ଜନ୍ମ ହୋଇଥିଲେ ସେ ମଧ୍ୟ ଏକ ଅଂଶୀଦାର ହୋଇଥାନ୍ତା। କିନ୍ତୁ ଅପରପକ୍ଷରେ ପୁଅଟି ଆମର ବୋହୂ ଆସିବା ପରେ ପରିବର୍ତନ ହୋଇଯାଉଛି କାହିଁକି ? ପିତାମାତାଙ୍କର ଅଭିଯୋଗ ବୋହୂ କଥାରେ ପରିଚାଳିତ ହୋଇ ପୁଅ ଆମଠାରୁ ଦୁରେଇ ଯାଉଛି। ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ବିଚାରପତି ପର୍ଯ୍ୟନ୍ତ ଓ ସର୍ବହରା ଠାରୁ ଆରମ୍ଭ କରି କୋଟିପତି ପର୍ଯ୍ୟନ୍ତ ସମସ୍ତେ ବୋଧହୁଏ ସ୍ତ୍ରୀ କଥାରେ ପରିଚାଳିତ ହେବା ପ୍ରକୃତିର ନିୟମ। ଏ ସମ୍ପର୍କରେ ଛୋଟ ଗପଟିଏ। ଥରେ ଜଣେ ରାଜା ଘୋଷଣା କଲେ, ସ୍ତ୍ରୀମାନଙ୍କ କଥାରେ ପରିଚାଳିତ ହେଉନଥିବା ବ୍ୟକ୍ତି ଉପଯୁକ୍ତ ପ୍ରମାଣ ଦର୍ଶାଇଲେ ସେ ସ୍ୱତନ୍ତ୍ର ଭାବରେ ପୁରସ୍କୃତ ହେବ। ଜଣେ ବ୍ୟକ୍ତି ସ୍ତ୍ରୀଙ୍କ କଥାରେ ପରିଚାଳିତ ହେଉନଥିବା ବଳିଷ୍ଠ ପ୍ରମାଣ ଦେଖାଇ ପୁରସ୍କାର ସ୍ୱରୂପ ଏକ ସୁନ୍ଦର ଧବଳ ଅଶ୍ୱ ନେଇ ଗୃହକୁ ପ୍ରତ୍ୟାବର୍ତନ କଲେ। ତାପର ଦିନ ରାଜସଭାରେ ଉପସ୍ଥିତ ହୋଇ କହିଲେ ମହାଭାଗ,ଘରେ କହିଲେ ମୋତେ ଏକ କଳା ଲାଞ୍ଜ ଥିବା ଧଳା ଘୋଡା ଦିଅନ୍ତୁ।ରାଜା ଆଦେଶ ଦେଲେ ଏ ଲୋକଠାରୁ ଘୋଡାଟି ରଖି ଏହାକୁ ବାହାରେ ଛାଡିଦେଇ ଆସ। ଝିଅଟିଏ ଯଦି ବାପମାଆଙ୍କର ଏକାନ୍ତ ନିଜର ହୋଇପାରୁଛି, ତେବେ ଶାଶୁ ଶ୍ୱଶୁରଙ୍କର ହୋଇପାରୁନାହିଁ କାହିଁକି ? ବୃଦ୍ଧ ପିତାମାତାଙ୍କର ଦୀର୍ଘକାଳୀନ ସେବାଯତ୍ନ ଓ ଦାୟୀତ୍ୱ ପୁତ୍ର ମାନଙ୍କ ଉପରେ ନ୍ୟସ୍ତ ଥାଏ କନ୍ୟା ମାନଙ୍କ ଉପରେ ନୁହେଁ, ଥିଲେ ଜଣାପଡନ୍ତା ପ୍ରକୃତରେ ସେ ପିତାମାତାଙ୍କୁ କେତେ ଭଲପାଏ। ପୁଅଟିଏ ଯଦି ପିତାମାତାଙ୍କୁ ଅବହେଳା କରୁଛି,ତେବେ ବୋହୂ କଣ ତାହର ପ୍ରତିବାଦ କରି ଶାଶୁ ଶ୍ୱଶୁରଙ୍କ ସେବାରେ ନିଜକୁ ନିୟୋଜିତ କରିପାରୁଛି ? ଯଦି କରିପାରନ୍ତା,ତେବେ ଗୋଟିଏ ଦିନରେ ସବୁ ଜରାଶ୍ରମରେ ତାଲା ପଡିଯାଆନ୍ତା। ମହିଳାଟିଏ ସ୍ତ୍ରୀ ହିସାବରେ ସ୍ୱାମୀଙ୍କ ସମ୍ପତିର ଉତରାଧିକାରୀ ଏବଂ କନ୍ୟା ହିସାବରେ ପୈତୃକ ସମ୍ପତିର ଉତରାଧିକାରୀ ଯାହାକି ତାକୁ ଯଥେଷ୍ଟ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରାଇବାରେ ସହାୟକ ହେବ। କିନ୍ତୁ ପ୍ରକୃତିର ସୃଷ୍ଟିରେ ପୁରୁଷର ସାହଚର୍ଯ୍ୟ ବିନା ନାରୀଟି ଅବଳା ଓ ଦୁର୍ବଳା। ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ନାରୀ ଲକ୍ଷ୍ମୀ ଏବଂ ନାରୀ କାଳୀ। ସେହି ସୃଷ୍ଟି ସେହି ସଂହାର।ନାରୀଟିର ଚିନ୍ତନ ଏବଂ କାର୍ଯ୍ୟ ପରିବାରକୁ ସ୍ୱର୍ଗ କିମ୍ବା ନର୍କରେ ପରିଣତ କରିପାରେ। ତେଣୁ ପ୍ରବର୍ତିତ ଆଇନକୁ ସମ୍ମାନ ଜଣାଇ ସମାଜର ପ୍ରତ୍ୟେକ ଭ୍ରାତା ଓ ଭଗ୍ନୀଙ୍କ ମଧ୍ୟରେ ଶ୍ରଦ୍ଧା,ସ୍ନେହ ଏବଂ ବୁଝାମଣାକୁ ବଜାୟ ରଖିଲେ ଏକ ସୁସ୍ଥ ସମାଜ ପୁନଃ ପ୍ରତିଷ୍ଠିତ ହୋଇପାରିବାର ସମ୍ଭାବନା ସୁସ୍ପଷ୍ଟ।

ଓଜନ କମାଏ ଛତୁ

ସାଧାରଣତଃ ଛତୁ ନିରାମିଷାଶୀ ବ୍ୟକ୍ତିଙ୍କ ସବୁଠାରୁ ମନପସନ୍ଦ ଖାଦ୍ୟ। ଛତୁ ଖାଇବାକୁ ଯେତିକି ସ୍ୱାଦିଷ୍ଟ, ଶରୀର ପାଇଁ ମଧ୍ୟ ସେତିକି ଭଲ। ଛତୁ କମ୍ କ୍ୟାଲୋରୀ ଯୁକ୍ତ ହେବା ସହ ଏଥିରେ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଏହାକୁ ତରକାରୀ, ସାଲାଡ, ସୁପ ତଥା ସ୍ନାକ୍ସ ଆକାରରେ ଖାଇପାରିବେ। ତେବେ ଛତୁକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କଲେ କ'ଣ ସବୁ ଲାଭ ମିଳେ ଆସନ୍ତୁ ଜାଣିବା।

♦ ଶରୀର ପାଇଁ ଭିଟାମିନ-ଡି ଅତ୍ୟନ୍ତ ଆବଶ୍ୟକ। ଭିଟାମିନ-ଡି ଅଭାବ ହେଲେ ଅନେକ ରୋଗ ହୋଇପାରେ। ବହୁ କମ ପନିପରିବାରେ ଭିଟାମିନ-ଡି ମିଳେ। ସେଥିମଧ୍ୟରୁ ଗୋଟିଏ ହେଉଛି ଛତୁ। ପ୍ରତିଦିନ ଛତୁ ଖାଇବା ଦ୍ୱାରା ଶରୀରରେ ଆବଶ୍ୟକ ପରିମାଣର ଭିଟାମିନ-ଡି ପୂରଣ ହୋଇଥାଏ।

♦ ସେଲେନିୟମ ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ। ଏହା ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ପ୍ରତିରକ୍ଷା ପ୍ରଣାଳିକୁ ମଜବୁତ କରେ। ଛତୁରେ ସେଲେନିୟମର ମାତ୍ରା ଭରପୁର ରହିଛି। ଏହା ଶରୀରରକୁ ଭିତରୁ ସୁସ୍ଥ ରଖିବାରେ ସହାୟ କରେ।

♦ ଛତୁ ଓଜନ କମ କରିବାରେ ମଧ୍ୟ ସହାୟକ ହୋଇଥାଏ। ଏଥରେ ବେଶ କମ୍ କ୍ୟାଲୋରୀ ରହିଛି। ୫ଟି ଧଳା ଛତୁରେ କେବଳ ୨୦ ପ୍ରତିଶତ କ୍ୟାଲୋରୀ ଥାଏ। ଛତୁ ଖାଇବା ଦ୍ୱାରା ଶୀଘ୍ର ଭୋକ ଲାଗେ ନାହିଁ। ଫଳରେ ଆପେ ଆପେ ଓଜନ କମିବାକୁ ଲାଗିଥାଏ।

♦ ବଜାରରେ ଖୁବ୍ ସହଜରେ ଛତୁ ମିଳିଯାଏ। ଏହାକୁ ବିଭିନ୍ନ ଉପାୟରେ ରୋଷେଇ କରି ଏଥିରୁ ପୋଷକ ତତ୍ତ୍ୱ ଗ୍ରହଣ କରାଯାଇପାରିବ। ଆପଣ ଚାହିଁଲେ ସୁପ ବା ସାଲାଡ କରି ଛତୁକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କରିପାରିବେ ବୋଲି ପୁଷ୍ଟିକର ବିଶେଷଜ୍ଞମାନେ କୁହନ୍ତି।

ଛୋଟ ଛୋଟ ଘରକରଣା ଟିପ୍ସ

ଘରକୁ ସଫା ରଖିବା ସହିତ ଘରର ସବୁ ଜିନିଷକୁ ସଫା ରଖିବା ମଧ୍ୟ ଜରୁରୀ। ଘରର ଚଟାଣ ହେଉ ଅବା ରୋଷେଇ ଘରେ ବ୍ୟବହୃତ ଗ୍ୟାସ୍ ? ଓ ବାସନକୁସନଗୁଡ଼ିକୁ ସଫା ରଖିବା ବହୁତ ଜରୁରୀ। ଏସବୁକୁ ସଫା କଲା ବେଳେ କିଛି ବିଶେଷ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ, ତା'ହେଲେ ଏଗୁଡ଼ିକୁ ଆପଣ ଖୁବ୍ ସହଜରେ ସଫା କରିପାରିବେ। ଆସନ୍ତୁ ପଢ଼ିବା ସେମିତି କିଛି ଟିପ୍ସ।

♦ ବାସନରେ ପୋଡାଦାଗ ଥିଲେ ସେଥିରେ ଅଳ୍ପ ବେକିଙ୍ଗ ସୋଡା ଓ ଭିନେଗାର ପକାଇ ଅଳ୍ପ ସମୟ ପରେ ମାଜି ଦିଅନ୍ତୁ। ଦେଖିବେ ପୋଡା ଦାଗ ଛାଡିଯିବ।

♦ ଘରେ କ୍ଷୀର ଛିଣ୍ଡି ଯାଇଥିଲେ, ତାକୁ ନ ଫୋପାଡି ଛେନା କରନ୍ତୁ। ସେହି ଛେନାକୁ ଅଟା ଚକଟାରେ ବ୍ୟବହାର କରନ୍ତୁ। ରୁଟି ନରମ ଓ ସୁଆଦିଆ ହେବ।

♦ ରୁଟି ତାୱାରୁ ପୋଡା ଦାଗ ଛଡାଇବା ପାଇଁ ତାୱାକୁ ଗରମ କରି ସେଥିରେ ଫାଳେ ଲେମ୍ବୁ ଘଷି ଦିଅନ୍ତୁ। ପରେ ଅଳ୍ପ ବେକିଙ୍ଗ ପାଉଡର ପକାଇ ଫାଳେ ଲେମ୍ବୁ ଚିପୁଡି ବାସନ ମଜାରେ ମାଜି ଦିଅନ୍ତୁ। ଦେଖିବେ ତାୱାରୁ ପୋଡା ଦାଗ ଛାଡ଼ି ସଫା ହୋଇଯିବ।

♦ ଗ୍ରାଇଣ୍ଡର ଜାର ସଫା କରିବାକୁ ଚାହୁଁଥିଲେ, ସେଥିରେ ଅଳ୍ପ ବାସନ ମଜା ଲିକ୍ୱିଡ ପକାଇ ଅଳ୍ପ ପାଣି ଦେଇ ଗ୍ରାଇଣ୍ଡିଙ୍ଗ କରିଦିଅନ୍ତୁ। ପରେ ଭଲ ପାଣିରେ ଧୋଇଦିଅନ୍ତୁ। ଜାର ଭଲରେ ସଫା ହୋଇଯିବ।

♦ ଫ୍ରିଜରେ ପନିର ରଖିଥିଲେ ଏୟାର ଟାଇଟ ଡବାରେ ପାଣି ଦେଇ ବନ୍ଦ କରିରଖନ୍ତୁ। ଏପରି କଲେ ପନିର ସତେଜ ରହିବ।

କର୍ମଜୀବୀ ମହିଳା କିପରି କରିବେ ଟାଇମ୍ ମ୍ୟାନେଜ୍‌ମେଂଟ

ଆମକୁ ଛୋଟ ବେଳୁ କୁହାଯାଇଥାଏ ଯେ, 'ସମୟ ସବୁଠୁ ବଳବାନ'। ଆମେ ଯଦି ସମୟକୁ ସଠିକ୍ ଭାବେ ଉପଯୋଗ କରିପାରିବା ତାହାଲେ ସେ ଆମକୁ ସଠିକ୍ କର୍ମ ଫଳ ଦେବ। ଛୋଟରୁ ବଡ଼ ହେଲା ପର୍ଯ୍ୟନ୍ତ ବାପା ମାଆ ସବୁବେଳେ କହିଥାନ୍ତି ଯେ, ଝିଅ ସମୟ ନଷ୍ଟ କରନା, ନ ହେଲେ ଆଗକୁ ବହୁତ ଅସୁବିଧା ହେବ। କିନ୍ତୁ ସତ କହିଲେ, ଆମ ଭିତରେ କେତେଜଣ ଅଛନ୍ତି ଯେଉଁମାନେ ସମୟର ସଠିକ୍ ଉପଯୋଗ କରିଥାନ୍ତି ?

ଆମେ ଯେତେ ବଡ଼ ହେଉ ଆମ ଉପରେ ଦାୟିତ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥାଏ। ସେ ସବୁ ଦାୟିତ୍ୱ ସମ୍ପାଦନ କରିବା ଭିତରେ ଆମ ପାଖରେ ସମୟର ଅଭାବ ଦେଖାଦେଇଥାଏ। ବିଶେଷ କରି ଆଜିକାଲିର କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ସମୟର ଘୋର ଅଭାବ ଦେଖାଦେଇଥାଏ। ଆମେ ଯଦି କୌଣସି କର୍ମଜୀବୀ ମହିଳାଙ୍କୁ କିଛି ପଚାରିଥାଉ ତାହାଲେ ସେମାନଙ୍କଠାରୁ ପ୍ରଥମ ଉତ୍ତର ଏଇୟା ଶୁଣିବାକୁ ମିଳେ ଯେ, ଏତେ ସବୁ କାମ କରିବାକୁ ସମୟ କୋଉଠି ମିଳୁଛି।
ତେବେ ଘରେ ମହିଳା ମାନଙ୍କ ଉପରେ ବିଶେଷ କରି ବିବାହିତ ମହିଳା ମାନଙ୍କ ଉପରେ ଅନେକ ପ୍ରକାର ଦାୟିତ୍ୱ ରହିଥାଏ। ସେମାନେ ନିଜ ପରିବାରର ଦାୟିତ୍ୱ ତୁଲାଇବା ସହ ସହ କର୍ମକ୍ଷେତ୍ରରେ ମଧ୍ୟ ଅନେକ ଦାୟିତ୍ୱ ନିର୍ବାହ କରିଥାନ୍ତି। ତେବେ ଏହି ସବୁ କାମ ଭିତରେ ଟାଇମ୍ ମ୍ୟାନେଜ୍‌ମେଣ୍ଟ ନ କରିବାରୁ ଅଫିସ୍ ଯିବାରେ ଡେରି ହେଇଥାଏ, ନିଜର ଧ୍ୟାନ ନ ରଖିପାରିବା ସହ ଅନ୍ୟମାନଙ୍କୁ ସମୟ ଦେଇ ପାରି ନଥାନ୍ତି ଓ ଏପରି ଆହୁରି ଅନେକ ସମସ୍ୟା ଦେଖାଦେଇଥାଏ।
ତେବେ ଆପଣ ଯଦି କର୍ମଜୀବୀ ମହିଳା ହୋଇଥାନ୍ତି, ତାହାଲେ ନିଜ ସମୟକୁ କିପରି ବ୍ୟବହାର କରି ସବୁ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରିପାରିବେ, ପଢ଼ନ୍ତୁ..

❒ ଅନେକ ସମୟରେ ଆମେ ଦେଖିଥାଉ ଯେ, ସମୟ ସଠିକ୍ ଭାବେ ପରିଚାଳନା କରିବା ପାଇଁ କେତେଜଣ ଖସଡ଼ା ବା ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। ସକାଳୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ସବୁ ଟାଇମ୍ ଟେବୁଲ ପ୍ରସ୍ତୁତ କରିଥାନ୍ତି। କିନ୍ତୁ ଦିନେ କି ଦୁଇ ଦିନ ଯାଏ ତାହା କାର୍ଯ୍ୟକାରୀ ହୁଏ ଆଉ ତା ପରେ ପୂର୍ବରୁ ଯାହା ଯେମିତି ଚାଲିଥିଲା ସେମିତି ଚାଲେ। କିନ୍ତୁ ଆପଣଙ୍କର

ଯଦି କାମ ସଠିକ୍ ସମୟରେ ହେଉନାହିଁ ତା'ହେଲେ ନିଜର ଏକ ଟାଇମ୍ ଟେବୁଲ୍ ପ୍ରସ୍ତୁତ କରନ୍ତୁ। ପୂରା ଦିନରେ ଆପଣ କ'ଣ କରିବେ ତାର ଏକ ତାଲିକା ପୂର୍ବରୁ ହିଁ ପ୍ରସ୍ତୁତ କରି ସେହି ଅନୁସାରେ କାମ କରନ୍ତୁ।

❒ ପ୍ରାୟ ସମସ୍ତଙ୍କର ସକାଳେ ଡେରିରେ ଉଠିବା ଅଭ୍ୟାସ ଥାଏ। ଡେରିରେ ଉଠିବା ଖରାପ ଜାଣି ମଧ୍ୟ ଆମେ ତାକୁ ଅଣଦେଖା କରିଥାଉ। ଏଥିପାଇଁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଦେଖାଦେଇଥାଏ। ତେବେ ଆପଣ ସବୁବେଳେ ସକାଳେ ଶୀଘ୍ର ଉଠିବାକୁ ଚେଷ୍ଟା କରନ୍ତୁ। କାରଣ ବଡ଼ିସକାଳୁ ଉଠିଲେ ଆପଣ କିଛି ବ୍ୟାୟାମ କରିବା ସହ ଅଫିସ୍ ଯିବା ଆଗରୁ ଘରକାମ ସବୁ ଶୀଘ୍ର ସାରି ପାରିବେ।

❒ ଆପଣ କମ୍ ସମୟ ଭିତରେ ବହୁତ କିଛି କାମ କରିପାରିବେ। ତେବେ ଏହା ଆପଣଙ୍କ ଉପରେ ନିର୍ଭର କରେ। ଯେପରିକି ସକାଳ ଜଳଖିଆ ପାଇଁ ପୂର୍ବଦିନରୁ ପରିବା କାଟି ଫ୍ରିଜ୍‌ରେ ରଖିବା, ଅଫିସ୍ ପିନ୍ଧା ଡ୍ରେସ୍‌କୁ ପୂର୍ବରୁ ଆଇରନ୍ କରି ରଖିବା, ଗାଡ଼ିରେ ଆଗରୁ ପେଟ୍ରୋଲ୍ ଭରି ରଖିବା, ଅଫିସ୍ ବ୍ୟାଗ୍ ସଜାଡ଼ିବା, ଏମିତି ଅନେକ କାମ ଆପଣ ଆଗରୁ କରି ରଖିଲେ ଅଫିସ୍ ଯିବା ସମୟରେ ଆପଣ ତରତରରେ କୌଣସି ଜିନିଷ ଭୁଲିବେ ନାହିଁ।

❒ କର୍ମଜୀବୀ ମହିଳାମାନଙ୍କୁ ପ୍ରତିଦିନ ଘରର ଆବଶ୍ୟକ ହେଉଥିବା ସାମଗ୍ରୀ କିଣାକିଣି କରିବା ପାଇଁ ସମୟ ହୋଇନଥାଏ। ତେବେ ଆପଣ ଛୁଟି ଦିନରେ ପୁରା ସପ୍ତାହ ପାଇଁ ଜିନିଷ କିଣି ରଖିଦିଅନ୍ତୁ। ଏହା ଦ୍ୱାରା ପ୍ରତିଦିନ ଜିନିଷ କିଣିବାରେ ଆପଣଙ୍କର ସମୟ ବ୍ୟୟ ହେବ ନାହିଁ।

❒ ଘରର ମହିଳା ଏକା ହିଁ ସବୁ କାମ କରିଥାନ୍ତି। ସେଥିପାଇଁ କାମରେ ଡେରି ହୋଇଥାଏ। ଆପଣ ଯେତେବେଳେ ରୋଷେଇ ବା ଅନ୍ୟ କିଛି କାମ କରୁଥାନ୍ତି ତାହାଲେ ଆପଣଙ୍କ ସ୍ୱାମୀ ବା ଅନ୍ୟ ସଦସ୍ୟମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବାକୁ କୁହନ୍ତୁ। ଯେପରିକି ବଟଲରେ ପାଣି ଭର୍ତ୍ତି କରିଦେବା, ରୁମ୍ ସଜାଡ଼ିଦେବା ଇତ୍ୟାଦି କାମ ଆପଣ ଆପଣ ସ୍ୱାମୀଙ୍କୁ କହି କରାଇ ପାରିବେ।

ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

♦ କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେର ହ୍ରାସ ପାଇଥାଏ ।

♦ ଲଣ୍ଡନର ଗବେଷକ ଦଳ

ବିଦ୍ୟାଳୟ ମିଶ୍ରଣକୁ ଠଣାଗଡ଼ିଆବାସୀଙ୍କ ବିରୋଧ

ବାଲେଶ୍ୱର,୯।୨ (ନି.ପ୍ର): ଛାତ୍ରଛାତ୍ରୀ ସଂଖ୍ୟା ହ୍ରାସକୁ ନେଇ ସରକାରଙ୍କ ସ୍କୁଲବନ୍ଦ ନିଷ୍ପତିକୁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବିରୋଧ କରାଯାଇଛି। ବିଶେଷ କରି ୧୫ ଜଣରୁ କମ ଛାତ୍ରଛାତ୍ରୀ ଥିବା ସ୍କୁଲକୁ ବନ୍ଦ କରି ନିକଟସ୍ଥ ଅନ୍ୟ ଏକ ବିଦ୍ୟାଳୟ ସହ ମିଶ୍ରଣକୁ ସ୍ଥାବନୀୟ ଲୋକେ ପ୍ରତିବାଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଠଣାଗଡ଼ିଆ ଅଞ୍ଚଳର ଗ୍ରାମବାସୀମାନେ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି। ସେମାନଙ୍କ ଗ୍ରାମରେ ଥିବା ବିଦ୍ୟାଳୟ ବନ୍ଦ କରି ପିଲାଙ୍କୁ ୩ କିମି ଦୂର ମହେଶ୍ୱରପୁର ସ୍କୁଲ ପଠାଇବା ବିପଦପୂର୍ଣ୍ଣ ବୋଲି ଗ୍ରାମାବସୀମାନେ କହିଛନ୍ତି। ବିଲରେ ତଥା ହିଡ଼ରାସ୍ତାରେ ଛୋଟ ଛୋଟ ପିଲା ୩ କିଲୋମିଟର ଦୂର ମହେଶପୁର ଯିବା ଅତ୍ୟନ୍ତ କଷ୍ଟଦାୟକ ହୋଇଥିବା ବେଳେ ପୂର୍ବଭଳି ଠଣାଗଡ଼ି ସ୍କୁଲକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ବିଦ୍ୟାଳୟର ପିଲାସଂଖ୍ୟା ସମ୍ପ୍ରତି ୧୯ ଜଣ ଥିବା ବେଳେ ପୁଣି ୧୦ ଜଣ ନାମ ଲେଖାଇବେ ବୋଲି ସେମାନେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ମିତାଞ୍ଜଳି ଦାସ, ମାଳତି ଦଳେଇ, ହେମମଣି ଦଳେଇ, ଇନ୍ଦ୍ରମଣି ଦଳେଇ, ଉପେନ୍ଦ୍ର ଦଳେଇ, ଜ୍ୟୋସ୍ନା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

ବୌଦ୍ଧ ବନବିଭାଗ ଦ୍ୱାରା ବିପୁଳ ପରିମାଣରେ ମୂଲ୍ୟବାନ କାଠ ଫର୍ନିଚର ଜବତ

ବୌଦ୍ଧ,୯।୨ (ନି.ପ୍ର): ବିପୁଳ ପରିମାଣରେ ମୂଲ୍ୟବାନ କାଠ ଫର୍ନିଚର ଚୋରା ଚାଲାଣବେଳେ ଦୁଇଟି ଗାଡି ସହ ୬ ଜଣ ଅଭିଯୁକ୍ତଙ୍କୁ ବୌଦ୍ଧ ବନ ବିଭାଗ ପକ୍ଷରୁ ଗିରଫ କରାଯାଇଛି। ବନବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ବୌଦ୍ଧ ରେଂଜ ଅନ୍ତର୍ଗତ ବିରିଗଡ ଜଙ୍ଗଲରୁ ମୂଲ୍ୟବାନ କାଠ ଓ ଫର୍ନିଚର ଚୋରା ଚାଲାଣ କରାଯିବା ନେଇ ବିଶ୍ୱସ୍ତ ସୁତ୍ରରୁ ସୂଚନା ପାଇ ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ବନ ସଂରକ୍ଷକ ଜିତେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ବୁଟୁପାଲି ନିକଟରେ ଛକି ରହିଥିଲେ। ଦୁଇଗୋଟି ମିନିଟ୍ରକ (ଓଡ଼ି ୨୭ ବି ୧୫୫୯ ଏବଂ ଓଡ଼ି ୨୭ ଏ ୯୮୭୨)ରେ କାଠ ଓ ଫିର୍ନିଚନ ବୋଝେଇ ହୋଇ ବୁଟୁପାଲି ଦେଇ ଚାରିଛକ ରାସ୍ତାରେ ଯିବାପରେ ବନ ବିଭାଗ କର୍ମଚାରୀମାନେ ଗାଡି ଦୁଇଟିକୁ ଅନୁସରଣ କରି ପୂର୍ବ ପ୍ରସ୍ତୁତି ଅନୁଯାୟୀ ଚାରିଛକ ବନବିଭାଗ ଚେକ୍‌ଗେଟ୍ ରେ ଅଟକାଇଥିଲେ। ଗାଡି ଦୁଇଟିକୁ ଯାଂଚ କରାଯିବାପରେ ଗୋଟିଏ ଗାଡିରୁ ୨ ଖଣ୍ଡ ସାଗୁଆନ ପଟା,ଅର୍ଦ୍ଧ ନିର୍ମିତ ଡ୍ରେସିଂ ଟେବୁଲ,ସୋଫା ସେଟ୍,ଡାଇନିଂ ଚେୟାର ଓ ଗୋଟିଏ ଖଟୁଳି ଜବତ କରାଯାଇଥିଲା। ସେହିପରି ଅନ୍ୟ ଗାଡିରୁ ଶାଗୁଆନ କାଠରେ ନିର୍ମିତ ଗୋଟିଏ ବକ୍ସ ପେଟର୍ଣ୍ଣ ଆଲନା,ଟି ପୟ,ଷ୍ଟୁଲ,ଡାଇନିଂ ଟେବୁଲ ଷ୍ଟାଣ୍ଡ ଓ ୧୨ ଟି ଡାଇନିଂ ଚେୟାର ସହିତ ଖଣ୍ଡିଏ ଶାଗୁଆନ ପଟା ଜବତ କରାଯାଇଥିଲା। ଉଭୟ ଗାଡିରୁ ଜବତ ହୋଇଥିବା କାଠ ସାମଗ୍ରୀର ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବବୋଲି ବନ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ମାମଲାରେ ବନ ବିଭାଗ ପକ୍ଷରୁ ଉଭୟ ଗାଡିରେ ଥିବା ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି। ସେମାନେ ହେଲେ ବୌଦ୍ଧ ସରସରା ଗ୍ରାମର ଗଣେଶ ଦାସ(୩୦), ବିରିଗଡ ଗ୍ରାମର ଶିବ ଦେହୁରୀ (୪୫), ରେଢାଖୋଲ (କୃଷ୍ଣପାଲି)ର ମୁକେଶ ଘିବେଲା(୨୪) , ବୌଦ୍ଧ ନୂଆପଡା ର ବିଜୟ କୁମାର ପାତ୍ର(୨୯), ବିରିଗଡ ଗ୍ରାମର ନିଳମଣି ନାଏକ(୩୩) ଓ ନୟାଗଡ ଜିଲ୍ଲା ଜଗନ୍ନାଥପୁର ର କୃଷ୍ଣ ଚନ୍ଦ୍ର ସାମଲ(୫୫) ଙ୍କୁ ଗିରଫ କରାଯାଇଛି। ଏନେଇ ବୌଦ୍ଧ ବନବିଭାଗ ପକ୍ଷରୁ ଓଆର ୩୧୧/୨୦୨୦-୨୧ ଏବଂ ଓଆର ୩୧୨/୨୦୨୦-୨୧ ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିବାବେଳେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବନଖଣ୍ଡ ଅଧିକାରୀ ଶ୍ରୀସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ଚଢାଉରେ ଅତିରିକ୍ତ ବନ ସଂରକ୍ଷକ ଜିତେନ୍ଦ୍ର ବେହେରା,ବୌଦ୍ଧ ରେଂଜ ଅଧିକାରୀ ପ୍ରଦିପ କୁମାର ବେହେରା,ଡେପୁଟି ରେଂଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କ ସମେତ ବନବିଭାଗ ମୋବାଇଲ ଟିମ୍,ଏପିଆର ଫୋର୍ସଙ୍କ ସମେତ ବୌଦ୍ଧ ଓ ପୁରୁଣାକଟକ ରେଂଜ ର ବନବିଭାଗ କର୍ମଚାରୀମାନେ ସାମିଲ ଥିଲେ।

ଆନନ୍ଦ ବଜାରରେ ଭକ୍ତଙ୍କୁ ମିଳିବ ମହାପ୍ରସାଦ, ନିଷ୍ପତ୍ତି ଖୁବ୍‌ଶୀଘ୍ର : ଜିଲ୍ଲାପାଳ

ପୁରୀ,୯।୨ (ନି.ପ୍ର): ଶ୍ରୀମନ୍ଦିରକୁ ଜଗନ୍ନାଥ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନେ ପୂର୍ବଭଳି ଆନନ୍ଦବଜାରରୁ ମହାପ୍ରସାଦ କିଣି ପାରିବେ । ଖୁବ୍ ଶୀଘ୍ର ଏନେଇ ନିଷ୍ପତି ନେବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ । ବର୍ତମାନ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆନନ୍ଦ ବଜାର ଭକ୍ତଙ୍କ ପାଇଁ ବନ୍ଦ ରହିଛି । ତେବେ ଏହାର ପୁନଃ ସମୀକ୍ଷା କରାଯିବା ସହିତ ଖୁବ୍ ଶୀଘ୍ର ଏନେଇ ନିଷ୍ପତି ନିଆଯିବ ବୋଲି କହିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା । ଦୀପ ଦୋକାନୀଙ୍କୁ ମଧ୍ୟ ଶ୍ରୀମନ୍ଦିର ଭିତରେ ଥଇଥାନ କରିବା ପାଇଁ ଚିନ୍ତା କରାଯାଉଥିବା କହିଛନ୍ତି ଜିଲ୍ଲାପାଳ । ଗତକାଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ସୁଆର ମହାସୁଆର ନିଯୋଗ ବୈଠକରେ ଏହି ନିଷ୍ପତି ହୋଇଛି । ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଭଳି ନିଷ୍ପତି ଗ୍ରହଣ କରାଯାଇଛି । ଆସନ୍ତା ପରିଚାଳନା କମିଟି ବୈଠକ ଓ ଛତିଶାନିଯୋଗ ବୈଠକରେ ନିଷ୍ପତି ନିଆଯିବା ପରେ ଏସବୁ ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ନେଇ ଆଶା କରାଯାଉଛି ।

ମଦ୍ୟପ ପୁଅର ଆକ୍ରମଣରେ ବୃଦ୍ଧ ପିତାଙ୍କର ମୃତ୍ୟୁ ଅଭିଯୋଗ

ବାଲିଆପାଳ,୯।୨ (ନି.ପ୍ର): ବୃଦ୍ଧ କାଳେ ପିତା ମାତାଙ୍କ ଯତ୍ନ ନେବା ପାଇଁ ବାପା ମା ପୁଅ ଜନ୍ମ ପାଇଁ ଅନେକ ଠାକୁର ଦେବତାଙ୍କୁ ଡାକନ୍ତି । କିନ୍ତୁ ପୁଅ ଯଦି ବାପା ମାଙ୍କୁ ଶାରିରୀକ ଯନ୍ତ୍ରଣା ଦିଏ ତାହାଠାରୁ କିଛି ଦୁଃଖଦାୟକ ଘଟଣା ଅଖିରେ ନଦେଖିଲେ ବିଶ୍ୱାସ କରି ହୁଏ ନାହିଁ । ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲିଆପାଳ ଥାନା ଜାମକୁଣ୍ଡା ପଂଚାୟତ ଜାମକୁଣ୍ଡା ଗ୍ରାମରେ । ଏହି ଗ୍ରାମର ଅନନନ୍ତ ଜେନାଙ୍କର ତିନି ପୁଅ । ସମସ୍ତେ ବାହାରେ ବିଭିନ୍ନ ସଂସ୍ଥାରେ କାମ କରନ୍ତି । ବଡ ପୁଅ ଜଗନ୍ନାଥ ଜେନା (୪୨) ବର୍ଷ ହାଇଦ୍ରାବାଦରେ କାମ କରନ୍ତି । କରୋନା ସମୟରେ ମାର୍ଚ୍ଚ ମାସ ପାଖରୁ ସେ ଗ୍ରାମକୁ ଆସି ଏବେ ଘରେ ରହୁଛନ୍ତି । ଅନନ୍ତଙ୍କ ପତ୍ନୀ ଶାନ୍ତିଲତାଙ୍କ କହିବା ଅନୁସାରେ ମଝିଆ ପୁଅ ହାଇଦ୍ରାବାଦରେ ରହୁଥିବା ବେଳେ ତାଙ୍କର ଜଣେ ୬-୭ ବର୍ଷର ପୁଅ ଏବେ ସେମାନଙ୍କ ପାଖରେ ରହୁନ୍ତି । ରବିବାର ରାତିରେ ଜଗନ୍ନାଥ ମଦ୍ୟପାନ କରି ତାଙ୍କର ସେହି ନାତିକୁ ମାରଧର କରୁଥିଲେ । ଏହାକୁ ଜେଜେବାପା ଅନନ୍ତ ବିରୋଧ କରିବାରୁ ସେ ତାଙ୍କୁ ପେଲି ଦେଇଥିଲେ । ଅନନ୍ତଙ୍କର ପୂର୍ବରୁ ହୃଦରୋଗ ଥିଲା । ସେ ଅଚେତ ହୋଇ ତଳେ ପଡିଯାଇଥିଲେ । ଡକାଡକି କରିବା ପରେ ମଧ୍ୟ ଉଠିନଥିଲେ । ଶାନ୍ତିଲତା ପଡୋଶୀମାନଙ୍କୁ ଡାକି ଘଟଣା ସମ୍ପର୍କରେ ଜଣାଇଥିଲେ । କିନ୍ତ ସେତେବେଳକୁ ଅନନ୍ତଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଏନେଇ ଆଜି ଶାନ୍ତିଲତା ବାଲିଆପାଳ ଥାନାରେ ଅଭିଯୋଗ କରିବାରେ ଥାନା ୟୁଡି କେସ ନଂ ୧/୨୦୨୧ ଏକ ମାମଲା ରୁଜୁ ହୋଇ ଶବ ବ୍ୟବଚ୍ଛେଦ ହୋଇଛି । ଅଭିଯୁକ୍ତ ଜଗନ୍ନାଥ ଫେରାର ହୋଇଯାଇଛି । ଘଟଣାର ଆପୋସ ସମାଧାନ ପାଇଁ ଗ୍ରାମର କିଛି ଭଦ୍ର ବ୍ୟକ୍ତି ଶାନ୍ତିଲତାଙ୍କ ଉପରେ ଚାପ ପକାଉଥିବା ଜଣାପଡିଛି ।

୧୪ ଦିନରେ ଆଦିବାସୀ ମେଳା

ଭୁବନେଶ୍ୱର,୯।୨ (ନି.ପ୍ର): ରାଜଧାନୀର ଗୃହିଣୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଆଦିବାସୀ ମେଳା ଶେଷ ହେବାକୁ ଆଉ ମାତ୍ର ଗୋଟିଏ ଦିନ ବାକି ଥିବା ବେଳେ ଆଜି ଚତୁର୍ଦ୍ଦଶ ଦିବସରେ ମେଳା ପରିସରରେ ଦେଖିବାକୁ ମିଳିଥିଲା ଲୋକଙ୍କର ପ୍ରବଳ ଗହଳି । ମଧ୍ୟାହ୍ନ ପରେ ବିଭିନ୍ନ ଫାଟକ ବାଟେ ମଳାକୁ ଛୁଟିଥିଲା ପରିବାର ସହ ଲୋକଙ୍କର ଲମ୍ବା ଧାଡି । କିଣାବିକାକୁ ଶେଷ ସ୍ପର୍ଶ ଦେବା ଲାଗି ଦର୍ଶକମାନେ ଯେତିକି ବ୍ୟଗ୍ରତା ଦେଖାଇଥିଲେ, ରାଜ୍ୟର କୋଣ ଅନୁକୋଣରୁ ବିଭିନ୍ନ ଉତ୍ପାଦିତ ସାମଗ୍ରୀ ଆଣି ମେଳା ପରିସରରେ ବିକ୍ରି ଓ ପ୍ରଦର୍ଶନ କରୁଥିବା ଆଦିବାସୀ ନରନାରୀମାନେ ସେତକ ସାରି ନିଜ ନିଜର ଭିଟାମାଟିକୁ ଫେରିଯିବା ଲାଗି ସେତିକି ଉତ୍ସାହୀ ଥିବାର ଦେଖା ଯାଇଥିଲା । ଏଥର ମେଳାରେ ଅଧିକାଂଶ ଷ୍ଟଲ୍‌ରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ) ଅଧିନସ୍ଥ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଚାହିଦା ଯଥେଷ୍ଟ ଅଧିକ ଥିବାର ଦେଖାଯାଇଥିଲା । ଚତୁର୍ଦ୍ଦଶ ଦିବସରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ହଳଦୀ, ମାଣ୍ଡିଆ, କାନ୍ଦୁଲ, ବିରି, କୋଳଥ, ସୋରିଷ, ଅଦା, ଖଣ୍ଡ ହଳଦୀ, ବଡ଼ି, ଫୁଲଝାଡୁ ଆଦି ଅଧିକ ପରିମାଣରେ ବିକ୍ରି ହୋଇଥିଲା । ଜନଜାତି ବର୍ଗଙ୍କ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଆଣିବା ସଙ୍ଗେ ସଙ୍ଗେ ସେମାନଙ୍କ ମଧ୍ୟରେ ସମବାୟର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଗଠିତ ଓଡ଼ିଶା ଆଦିବାସୀ ଉନ୍ନୟନ ସମବାୟ ନିଗମ (ଟି.ଡି.ସି.ସି) ପକ୍ଷରୁ ମେଳା ପରିସରରେ ଖୋଲାଯାଇଥିବା ମଣ୍ଡପରେ ଅପେକ୍ଷାକୃତ ଅଧିକ ଗହଳି ଲକ୍ଷ୍ୟ କରାଯାଇଥିଲା । ୧୯୬୭ ମସିହାରେ ଗଠନ କରାଯାଇଥିବା ଟି.ଡି.ସି.ସି. ରାଜ୍ୟର ସବୁବର୍ଗର ଜନଜାତିଙ୍କ ବାଣିଜ୍ୟିକ ଓ ଅର୍ଥନୈତିକ ଜୀବନରେ ଏକ ବଡ଼ ପରିବର୍ତନ ଆଣିବାକୁ ସକ୍ଷମ ହୋଇଛି । ବିଭିନ୍ନ ସ୍ଥାନରେ ଏହାର ୧୩ଟି ଶାଖା କାର୍ଯ୍ୟ କରୁଥିବା ବେଳେ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ସାମଗ୍ରୀ ପାଇଁ ସେମାନଙ୍କୁ ଉଚିତ୍ ମୂଲ୍ୟ ଦେଇ ବଜାର ସୃଷ୍ଟି କରିବାକୁ ନିଗମ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିଛି ।

ବାଲାବାବା ମଠ ନିକଟ +ପୋଲ କାମ ଅଧାରୁ ବନ୍ଦ

କେନ୍ଦ୍ରାପଡ଼ା, ୮ ଫେବୃୟାରୀ (ହି.ସ.) - କେନ୍ଦ୍ରାପଡା ପୌରାଂଚଳର ତିନିମୁହାଣୀ ଗୋବରୀ ନଦୀ କୂଳ ଠାରୁ ତିଆରି କରାଯାଉ ଥିବା ବାଇପାସ ରାସ୍ତାର ବାଲାବାବା ମଠ ନିକଟରେ ହେବାକୁ ଥିବା ପୋଲ ମୁଖ୍ୟ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଅଧାରୁ ବନ୍ଦ କରାଯାଇଛି । ଏହି ପୋଲ ନିର୍ମାଣ ର ଡିଜାଇନ ରେ ତ୍ରୁଟି ରହିଥିବାରୁ ଏହାର ଡିଜାଇନ ପରିବର୍ତନ କରାଯିବ । ସେଥିପାଇଁ ବାଇପାସ ରାସ୍ତା ଓ ପୋଲରେ ବ୍ୟୟ ହେବାକୁ ଥିବା ୨୨ କୋଟି ଟଙ୍କାର କାମ ଅଗ୍ରଗତି ହୋଇ ନପାରି ବନ୍ଦ ରହିଥିବା ଜଣାପଡିଛି । ଘଟଣା ମୁତାବକ ଚଟିପୋଲ ଠାରୁ ଗରାପୁର କାଳୀ ମନ୍ଦିର ପର୍ଯ୍ୟନ୍ତ ହେବାକୁ ଥିବା ବାଇପାସ ରାସ୍ତା ଓ ବାଲାବାବା ମଠ ଠାରୁ ଗୋବରୀ ନଦୀରେ ପୋଲ ଗରାପୁର ର ତେନ୍ତୁଳି ବାଡିକୁ ଏହି ସେତୁ ସଂଯୋଗ କରିଥାନ୍ତା ତେବ ୧୮୦୦ ମିଟର ରାସ୍ତା ଓ ୯ଟି ପିଲାର ଉପରେ ପୋଲ କରାଯାଇ ଉଭୟ ପାର୍ଶ୍ୱକୁ ସଂଯୋଗ କରିବା ପାଇଁ ପୂର୍ବରୁ ଡିଜାଇନ କରାଯାଇ ଥିଲା । ମାତ୍ର ଏହି କାର୍ଯ୍ୟରେ ତଦାରଖ କରିବାକୁ ଆସିଥିବା ମୁଖ୍ୟ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିବା ପରେ ଏହାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିବା ପୂର୍ତ ବିଭାଗ ନିର୍ବହୀ ଯନ୍ତ୍ରୀ ପ୍ରଦିପ କୁମାର ମହାନ୍ତି ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟାନନ୍ଦ ଦାସ ଜଣାଇଛନ୍ତି ।

ପୁଲିସ ଜିଲ୍ଲାରେ ମଧ୍ୟରାତ୍ର ପେଟ୍ରୋଲିଂ ବନ୍ଦ ଅପରାଧୀଙ୍କୁ ସୁହାଉଛି

ରାଉରକେଲା,୯।୨ (ନି.ପ୍ର): ରାଉରକେଲା ପୁଲିସ ଜିଲ୍ଲାରେ ଥିବା ବିଭିନ୍ନ ଥାନା ବାବୁ ବାବୁଆଣୀ ମାନେ ନିଜ ଘରକୁ ଥାନା ଓ ଥାନାରୁ ଘରକୁ ଦିନକୁ ଚାରିଥର ଯାତାୟତରେ ମିଳୁଥିବା ଡିଜେଲ ସାରି ଦେଉଥିବାରୁ ଥାନାକୁ ଯେଉଁ ଡିଜେଲ ମିଳୁଛି ତାହା ନିଅଁଟ ପଡୁଛି । ଫଳରେ ସହର ସମେତ ଆଖ ପାଖ ଥାନା ଇଲାକାରେ ମଧ୍ୟ ରାତ୍ର କାଳୀନ ପେଟ୍ରୋଲିଂ ଏକ ପ୍ରକାର ବନ୍ଦ ହୋଇସାରିଲାଣି । ଏଭଳି ବ୍ୟତିକ୍ରମ ଅପରାଧୀ ମାନଙ୍କୁ ବିଟ୍ ରାସ୍ତା ଉପରେ ଅପରାଧ ଘଟାଇବା ଓ ମଧ୍ୟ ରାତ୍ରରେ ଡକାୟତି, ଚୋରୀ ଲାଗି ବେଶ ସୁଯୋଗ ସୃଷ୍ଟି କରିଛି ବୋଲି ଆଭିଯୋଗ ହେଉଛି । ଏହା ଆଜିକାଲିର କଥା ନୁହେଁ, ବରଂ ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଏଭଳି କାରବାର ବଢିବା ସହ ସହରରେ ପେଟ୍ରୋଲିଂ ଏକ ପ୍ରକାର ବନ୍ଦ ହୋଇସାରିଛି । ବାରମ୍ବାର କୁହାଜିବା ସତ୍ତ୍ୱେ ଏହାକୁ କେହି କର୍ଣ୍ଣପାତ କରୁନଥିବା କୁହାଯାଉଛି । ଖବରରୁ ଜଣାପଡିଛି ଯେ, ଥାନା ଗୁଡିକୁ ୧୦୦ ରୁ ୨୦୦ ଲିଟର ଡିଜେଲ ପୁଲିସ ମୁଖ୍ୟାଳୟରୁ ମାସିକ ହିସାବରେ ଦିଆଯାଇଥାଏ । ବଡ ଥାନା ଇଲାକାକୁ ୨୦୦ ଛୋଟ ଗୁଡିକୁ ପ୍ରାୟ ୧୦୦ଲିଟର ଡିଜେଲ କୁଆଡେ ମିଳିଥାଏ । ତେବେ ଥାନା ଗୁଡିକରେ ପୋଷ୍ଟିଂ ଥିବା ଥାନା ବାବୁ ଓ ବାବୁଆଣୀ ମାନେ ନିଜ ଘରୁ ଥାନାକୁ ଦିନକୁ ପ୍ରାୟ ୨ଥର ଯାତାୟତ କରିଥାନ୍ତି । ସମସ୍ତେ ପ୍ରାୟ ୧୦ ରୁ ୧୫ କିଲୋମିଟର ଓ ତାଠାରୁ ଅଧିକ ଦୂରରେ ରୁହନ୍ତି । ଏହି ହିସାବରେ ଯଦି ଥାନା ଗାଡି ଗୁଡିକ ଯାତାୟତ କଲା ତେବେ ପେଟ୍ରୋଲିଂ ଲାଗି ଡିଜେଲ ନିଅଁଟ ହେବା ସ୍ୱାଭାବିକ କଥା । ଅବଶ୍ୟ ପିସିଆର ଗାଡି ବୁଲୁଛି କିନ୍ତୁ ସେଗୁଡିକ ପ୍ରାୟ ମୁଖ୍ୟ ରାସ୍ତା ଛଡା କଲୋନୀ ଭିତର ଅଂଚଳକୁ ପଶନ୍ତି ନାହିଁ । ଏହାର ଫାଇଦା ନେଇ ଅପରାଧୀ ମାନେ ରାତି ୧୦ରୁ ରାତି ୩ ଭିତରେ ସହର ସମେତ ଆଖପାଖ ଅଂଚଳରେ ଅପରାଧ ମାନ ଘଟାଇ ଚାଲିଛନ୍ତି । ନିକଟରେ ପୂର୍ବତନ ଏସପିଙ୍କ ଜିବା ସପ୍ତାହକ ପୂର୍ବରୁ ଏସଟିଆଇ ପୋଲ ତଥା ଏସଡିପିଓଙ୍କ ଅଫିସ ସମ୍ମୁଖ ସ୍ଥାନରେ ଜଣେ ସୁନା ଦୋକାନୀ କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରାଜିବା, ଛେଣ୍ଡ ଅଂଚଳରେ ଜଣେ ବ୍ୟାଙ୍କ କର୍ମଚାରୀ ଘରେ ନଥିବା ବେଳେ ତାଙ୍କ ଘରେ କଳାକନା ବୁଲାଇବା ଭଳି ୪ରୁ ୫ଟି ଚୋରୀ ଓ ସହରର ଅନ୍ୟାନ୍ୟ ଥାନା ଗୁଡିକ ଅଂଚଳରେ ଘଟୁଥିବା ଅପରାଧ ସାଙ୍ଗକୁ ଚୋରୀ ଡକାୟତି ତାର ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଇପାରେ । ଏହି ଅପରାଧ ଗୁଡିକରେ ଏଯାଏ ଆସାମୀ ମାନଙ୍କୁ ମଧ୍ୟ ଗିରଫ କରାଯାଇପାରିନାହିଁ । ସେହିଭଳି କିଛି ଦିନ ତଳେ ଗୁରଣ୍ଡିଆ ଅଂଚଳ ରାସ୍ତାରୁ ଜଣେ ଯୁବତୀଙ୍କୁ ଉଠାଇ ଆଣି ଛେଣ୍ଡ ଥାନା ଇଲାକାର ବିମାନ କ୍ଷେତ୍ର ପଡିଆକୁ ନିରାପଦ ଭାବି ଝିଅଟିକୁ ରାତି ସାରା ବଳାତ୍କାର କରାଜିବା କଥା ଆଜିବି ଲୋକଙ୍କ ମନରୁ ଲିଭି ନାହିଁ । ନିକଟରେ ବଣେଇ ଅଂଚଳରେ ଥିବା ବଜାରରୁ ସିରିଜ ଚୋରୀ ମଧ୍ୟ ଅନ୍ୟ ଏକ ଉଦାହରଣ । ଆହୁରୀ ଅଧିକ ଅପରାଧ ପୁଲିସ ରେଜିଷ୍ଟାରରେ ନିଶ୍ଚୟ ରହିଥିବ । କୁହାଯାଉଛି ଯେ,ପଡୋଶୀ ରାଜ୍ୟରୁ ଆସି ଅପେରାଧୀ ମାନେ ଚୋରୀ, ଡକାୟତି କରି ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ କିଛି ଯୁବକ ମଧ୍ୟ ସେମାନଙ୍କୁ ସହଯୋଗ କରୁଥିବା ନେଇ ବିଭିନ୍ନ ମାମଲାରୁ ଜଣାପଡିଥାଏ । ନୂଆ ଏସପି ଆସିବା ପରେ ବିଭିନ୍ନ ଛକରେ ଅବଶ୍ୟ ସଂଧ୍ୟା ସମୟରେ ପୁଲିସ ଠିଆ ହେଉଥିବା ଦେଖା ଯାଉଥିଲା, ହେଲେ ଯେମିତି ୧୦ ରୁ ୧୫ ଦିନ ଗଲା ତାପରେ ପୁଣି ସେହି ସମାନ ଅବସ୍ଥା । ଏସବୁକୁ ଯାଂଚ୍ କରିବା ଲାଗି ନିଶ୍ଚୟ ଅଧିକାରୀ ମାନେ ରହିଛନ୍ତି, କିନ୍ତୁ ତଥାପି କୌଣସି ସୁଫଳ ମିଳୁ ନାହିଁ। ରାଉରକେଲା ଏସପି ଏନେଇ ପଦକ୍ଷେପ ନେବା ଲାଗି ଦାବି ହେଉଛି ।

ଉଦ୍ଧାର ନବଜାତ ଶିଶୁପୁତ୍ର ବନବାସୀ ସେବା ସମିତିର ପୋଷ୍ୟ ସନ୍ତାନ କେନ୍ଦ୍ରକୁ ହସ୍ତାନ୍ତର

କନ୍ଧମାଳ,୯।୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଚାଇଲଡ଼ ଲାଇନ୍ ଦ୍ୱାରା ଫୁଲବାଣୀ ସ୍ଥିତ ସଂସ୍କୃତ ବିଦ୍ୟାଳୟ ନିକଟରୁ ଗତ ୩୧ ତାରିଖ ରାତି ପ୍ରାୟ ୧୨ ଟା ସମୟରେ ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା । ପରେ ତାକୁ ଫୁଲବାଣୀ ଡ଼ାକ୍ତରଖାନାରେ ଥିବା ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଇଥିଲା । ଶିଶୁଟି ବର୍ତମାନ ସମ୍

ମାନସିକ ବିକୃତ ମହିଳାଙ୍କୁ ଉଦ୍ଧାର ପାଇଁ ଅଣ୍ଟାଭିଡିଲେ ସାମ୍ବାଦିକ

ବାଲିଆପାଳ,୦୯।୦୨ (ନି.ପ୍ର): ଅସହାୟ ଓ ବିବଦଜନକ ଭାବରେ ଅବସ୍ଥାରେ ଅନ୍ଧାର ରାତ୍ରୀରେ ବସିଥିବା ଜନୈକା ମାନସିକ ବକୃତ ମହିଳାଙ୍କୁ ଉଦ୍ଧାର ପାଁ ନୈକ ସାମ୍ବାଦିକ ଅଣ୍ଟା ଭିଡିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ମିଳିଥିବା ସୂଚନା ମୃତାବକ ବାଲିଆପାଳ କମର୍ଦ୍ଦା ରାସାସ୍ତାର ସସାନ ମଇଁଷଷିଆଡି ଛକ ନିକଟରେ ସୋମବାର ସନ୍ଧ୍ୟାରେ ଜନୈକା ମାାନସିକ ବିକୃତ ମହିଳା ଶୀତରେ ଥୁରୁ ଥୁରୁ ହୋଇ ରାସ୍ତା ମଝିରେ ବସିବା ନେଇ ସାମ୍ବାଦିକ ସାଗର ପଟ୍ଟନାୟକ ଓ ପ୍ରକାଶ ଚନ୍ଦ୍ର ପ୍ରଧାନ ଙ୍କ ନଜରରେ ପଡିଥିଲା ।ମହିଳାଙ୍କ ବୟସ ୨୦ ରୁ ୨୨ ବର୍ଷ ମ୍ଧ୍ୟରେ ହୋଇଥିବା ବେଳେ ଓ ସେ ସ୍ଥାନରେସୁରକ୍ଷତ ନଥିବାସାମାକ ଜଣଙ୍କ ହୃଦୟଙ୍ଗମ କରି ବାଲିଆପାଳ ତତହସିଲଦାର ଦୀପକ କୁମାର ଦାସ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଟ୍ୱିଟକରି ଜଣାଇଥିଲେ ।ତହସିଲଦାର ଦୀପକ କୁମାର ଦାସ ରାତ୍ରିରେ ଘଟଣା ସ୍ଥଳରେ ପହଂଚି ସ୍ଥାନୀୟସରପଞ୍ଚ ଶାନ୍ତନୁ ଭଦ୍ର ଏବଂ ପାରୁଲିଆ-୩ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଙ୍କ ସହାୟତାରେ ମହିଳାଜଣଙ୍କୁ ଉଦ୍ଧାରକରି ଅଙ୍ଗନବାଡିକେନ୍ଦ୍ରରେ ରଖିଥିଲେ । ବାଲିଆପାଳ କଳାକାର ସଂଘ ପକ୍ଷରୁ ସଭାପତି ଝାଡେଶ୍ୱର ପ୍ରଧାନ ସେଠାରେ ପହଂଚି ମହହିଳାଙ୍କୁ କମ୍ବଳ ଓଖାଇବା ପ୍ରଦାନ କରିଥିଲେ ।ଖବର ପାଇ ଆଜି ଡିଏସଏସଓ ବାଲେଶ୍ୱର ଏବଂ ଡିଏସଡବ୍ଲୁ ବାଲେଶ୍ୱରଙ୍କ ସହାୟତାରେ ବାଲିଆପାଳ ସିଡିପିଓ ତନୁଶ୍ରୀ ମିଶ୍ର, ସୁପରଭାଇଜର ଶୀତଳ ସର୍ମିଷ୍ଠା ମାଝୀ ପ୍ରମୁଖ ମହିଳାଜଣଙ୍କୁ ଗାଡିରେ ବସାଇ ମୟୂରଭଞ୍ଜଜିଲ୍ଲାସ୍ଥିତ ଡିଏସଏସଓ କାର୍ଯ୍ୟାଳୟରେ ଜିମ୍ମା ଦେଇଛନ୍ତି । ସେଠାରେ ଓାନଷ୍ଟପ ସେଣ୍ଟର ବାରିପଦା ରେ ରଖାଯାଇ ମହିଳାଙ୍କୁ ଥଇଥାନ କରାଯାଇ ଖାଇବା ଏବଂ ରହିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି । ସାମ୍ବାଦିକଙ୍କ ଏହିଭଳି ମହାନ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୧ ଗିରଫ

ଭୁବନେଶ୍ୱର,୦୯।୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୯୧ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୪,୬୪,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ବାଲ୍ୟ ବିବାହ ସଂକ୍ରାନ୍ତୀୟ ଟାସ୍କଫୋର୍ସ କମିଟି ବୈଠକ

ଭଦ୍ରକ,୦୯।୦୨ (ନି.ପ୍ର): ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ପରିସରରେ ବାଲ୍ୟ ବିବାହ ରୋକିବା ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ ଯୋଗ ଦେଇଥିଲେ। ଜିଲ୍ଲାପାଳ ଡ. ଦାସ ବାଲ୍ୟ ବିବାହ ଭଳି କୁସଂସ୍କାରକୁ ରୋକିବା ପାଇଁ ସମ୍ବେଦନଶୀଳ ସ୍ଥାନମାନଙ୍କୁ ଚିହ୍ନଟ କରି ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ଏକ କୋର କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଅପ୍ରାପ୍ତ ବୟସ୍କରେ ବିବାହ କରିବା ସହ ବାଲ୍ୟ ବିବାହକୁ ପ୍ରୋତ୍ସାହନ ଦେବା ଆଇନ ବିରୁଦ୍ଧ ଅଟେ ବୋଲି ସମସ୍ତେ ଅବଗତ ହେବା ସହ ଏହା ବିରୁଦ୍ଧରେ ତୁରନ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଗଲେ ବାଲ୍ୟବିବାହ ରୋକା ଯାଇ ପାରିବ। ସେଥିପାଇଁ ସମସ୍ତ କମିଟିର ସଦସ୍ୟ ତତ୍ପର ହେବା ଆବଶ୍ୟକ ବୋଲି କହିଥିଲେ। ଉକ୍ତ ବୈଠକରେ ଜିଲ୍ଲାସ୍ତରୀୟ କମିଟିର ସଦସ୍ୟ, ଜିଲ୍ଲାସ୍ତରୀୟ ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ, ଚାଇଲ୍‌ଡ ଲାଇନର ସୋଫିଆ ସେଖ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

ଗୋଚର ଜମିକୁ ଶ୍ମଶାନ ଭାବେ ବ୍ୟବହାର ପାଇଁ ଗ୍ରାମବାସୀଙ୍କ ଗୁହାରୀ

ବାଲେଶ୍ୱର,୦୯।୦୨ (ନି.ପ୍ର): ହିଡ଼ିଗା ମୌଜା ସୀମାନ୍ତରେ ଥିବା ପର୍ଯ୍ୟାପ୍ତ ଗୋଚର ଜମିରୁ କିଛି ଅଂଶକୁ ଶ୍ମଶାନ ତଥା ଅନ୍ୟାନ୍ୟ ସାମୂହିକ କାର୍ଯ୍ୟକ୍ରମରେ ବ୍ୟବହାର ପାଇଁ ସହର ଉପକଣ୍ଠ ପାତ୍ରପଡ଼ା, ଡିଗିରିଅ, ଘିସୁଆଁ ଓ ତେନ୍ତୁଳିପୁରାବାସୀ ମଙ୍ଗଳବାର ଦିନ ଜିଲାପାଳଙ୍କଠାରେ ଗୁହାରୀ କରିଛନ୍ତି। ଏହି ୪ ମୌଜାରେ ଅଧିକ ସଂଖ୍ୟାରେ ଆଦିବାସୀ ଓ ହରିଜନ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ କେହି ଆତ୍ମୀୟଙ୍କ ମୃତ୍ୟୁରେ ସେମାନେ ଦୀର୍ଘବର୍ଷ ଧରି ହିଡ଼ିଗାଁ ମୌଜାର ଗୋଚର ଜମିରେ ଶବଦାହ କରିଥା'ନ୍ତି। ହିଡ଼ିଗାଁ ମୌଜାର ସରକାରୀ ଖାତା ନଂ ୧୭୫୩ର ୨୫୦ ନଂ ପ୍ଲଟରେ ଥିବା ୨ଏକର ୮୬ ଡିସିମିଲ ଜମିକୁ ୪ ମୌଜାର ଲୋକେ ଶ୍ମଶାନ ଭାବେ ବ୍ୟବହାର କରିଆସୁଛନ୍ତି। ଏଣୁ ଏହି ଜମିରେ ଅନ୍ୟ କୌଣସି ସରକାରୀ କୋଠା ନିର୍ମାଣ ନ କରି ଏଥିରୁ କିଛି ଜମି ପିଲାଙ୍କ ଖେଳ ପଡ଼ିଆ ଓ ୨୦ ଡିସିମିଲ ପରିମିତ ଜମିକୁ ସବୁଦିନ ପାଇଁ ଶ୍ମଶାନ ଭାବେ ବ୍ୟବହାରର ଅନୁମତି ଦେବାକୁ ଗ୍ରାମବାସୀମାନେ ଜିଲାପାଳଙ୍କୁ ଗୁହାରୀ କରିଥିଲେ। ଏନେଇ ସେମାନେ ଏକ ନିବେଦନ ପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ନିବେଦନପତ୍ର ପ୍ରଦାନ ବେଳେ ଭାସ୍କର ଚନ୍ଦ୍ର ସୋରେନ, ଉଦୟ ହେମ୍ବ୍ରମ, ସଦାଶିବ ମୁର୍ମୁ, ଶ୍ୟାମସୁନ୍ଦର ହେମ୍ବ୍ରମ, ସୁନାରାମ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

ମଣ୍ଡିରେ ଧାନ ଦେଇ ମିଳୁନି ପାଉଣା : ଆତ୍ମାହୁତି ଚେତାବନୀ

ଜଳେଶ୍ୱର, ୯/୨ (ନିପ୍ର) : ଚାଷୀ ଧାନ ଅମଳପରେ ମଣ୍ଡିରେ ବିକ୍ରି କରି ଦେଢମାସ ହେବ ପାଉଣା ନ ପାଇ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଂଚଳରେ । ଗତ ଡିସେମ୍ବର ୨୨ ତାରିଖରେ ରାଇବଣିଆ ସେବା ସମବାୟ ସମିତିରେ ସେହି ଗାଁର ବନମାଳୀ ଭଣ୍ଡାର ୨୩ କ୍ୟୁଣ୍ଟାଲ୫୪କି.ଗ୍ରା ଧାନ ବିକ୍ରି କରିଥିଲେ ଯାହାର ମୂଲ୍ୟ ୪୩୯୭୨ଟଙ୍କା ଅଟେ । ଅଦ୍ୟାବଧି ସେ ତାର ପାଉଣା ପାଇନଥିବାରୁ ବାରମ୍ବାର ସମିତିକୁ ଦୌଡି ଦୌଡି ହଇରାଣ ହେଉଥିଲେ ମଧ୍ୟ କର୍ତ୍ତୃପକ୍ଷ ଏହାର କୌଣସି ପ୍ରତିକାର କରୁନଥିବା ଅଭିଯୋଗ ହୋଇଛି । ଏ ସଂପର୍କରେ ରାଇବଣିଆ ସମବାୟ ସମିତି ସଂପାଦକ ୮୭/୧୬-୧-୨୧ ଚିଠିମୂଳେ ସିଭିଲ ସପ୍ଲାଇ ଅଫିସକୁ ଜଣାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ବନମାଳୀ ଆର୍ଥିକ ଚାପ ମଧ୍ୟରେ ରହୁଥିବାରୁ ସେ ସମିତି ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ବିଧାୟକ ଅଶ୍ୱିନୀ ପାତ୍ର ଓ କୃଷିମନ୍ତ୍ରୀଙ୍କ ଦୃଷ୍ଟିଗୋଚର କରିଥିବା ଜଣାଯାଇଛି ।

ଫୁଟବଲ୍ ଖେଳରୁ ବାରି ହୋଇ ପଡୁଛି ନିର୍ବାଚନର ଗନ୍ଧ

ଉଦଳା,୦୯।୦୨ (ନି.ପ୍ର): ଉଦଳା ସହର ମଧ୍ୟରେ ୱାର୍ଡ଼ ନଂ. ୧୧ ରେ ଥିବା ଜଗନ୍ନାଥି ଖେଳ ପଡ଼ିଆ ଠାରେ ବିଜୁ ଜନତା ଦଳ ତରଫରୁ କିଛି ଦିନ ହେବ ବାରମ୍ବାର ଫୁଟବଲ ଖେଳ ଆୟୋଜିତ ହେଉ ଥିବାର ଦୃଶ୍ୟ ଦେଖିବାକୁ ମିଳୁଛି। ଉଦଳା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ପଂଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷା ସବିତା ହାଁସଦାଙ୍କ ସମେତ ବିଜୁ ଜନତା ଦଳର କର୍ମୀ ବୃନ୍ଦ ଏହି ଖେଳ ଆୟୋଜନ କରିବାରେ ନେତୃତ୍ୱ ନେଉଥିବାର ଦେଖାଯାଉଛି। ତେବେ ଏହିଭଳି ଖେଳ ଆୟୋଜନ କରିବାର ଉଦ୍ଦେଶ୍ୟ ବିଜୁ ଜନତା ଦଳ ପ୍ରତି ଯୁବକ ମାନଙ୍କୁ ଆକୃଷ୍ଟ କରିବା ଓ ଆଗାମୀ ପଂଚାୟତ ଓ ପୌର ନିର୍ବାଚନରେ ଯୁବକମାନଙ୍କ ଭୋଟକୁ ହାତେଇବା ବୋଲି ବୁଝିବାରେ କିଛି ଅସୁବିଧା ହେଉନାହିଁ। ମୋଟା ମୋଟି ଭାବରେ ଏହି ଫୁଟବଲ ଖେଳରୁ ନିର୍ବାଚନର ଗନ୍ଧ ବେଶ୍ ଭଲ ଭାବରେ ବାରି ହୋଇ ପଡୁଛି। ଏ ନେଇ ସାଧାରଣରେ ଚର୍ଚ୍ଚା ମଧ୍ୟ ଯୋର ଧରିଛି।

ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ନାରୀକବି କୁନ୍ତଳା କୁମାରୀ ଜୟନ୍ତୀ ପାଳନ

ପାରାଦୀପ,୦୯।୦୨ (ନି.ପ୍ର): ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ସେକ୍ଟର-୨୧ସ୍ଥିତ ଉଦୟ ରଶ୍ମି ମହିଳା ସମିତି ଆନୁକୂଲ୍ୟରେ ନାରୀକବି ତଥା ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ଜୟନ୍ତୀ ମହା ସମାରୋହରେ ପାଳନ ହୋଇ ଯାଇଅଛି । ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ପାରାଦୀପ ଲେଡିଜ୍ କ୍ଲବ ପକ୍ଷରୁ ଶ୍ରୀମତୀ ଶୁଚିସ୍ମିତା ବୋଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ସବିତା ପଣ୍ଡା, ସ୍ମିତା ରଥ, ସାକ୍ଷରତା ସମିତର ସଂପାଦକ ରାମଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ ନାରୀକବିଙ୍କ ଜୀବନୀ ଓ ସାହିତ୍ୟ କୃତି ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ସାକ୍ଷରତା ସମିତି ଦ୍ୱାରା ପ୍ରସ୍ତୁତ ସାନିଟାରୀ ନାପକୀନ୍ ଗୁଡିକୁ ଅତିଥିମାନେ ଉପସ୍ଥିତ ମହିଳା ସମିତିର ସଦସ୍ୟା ମାନଙ୍କ ମଧ୍ୟରେ ବିତରଣ କରିଥିଲେ । ପୂର୍ବରୁ ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ଝୋଟିଚିତା ଓ କବିତା ଆବୃତ୍ତି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଠାରେ ସୂଚନା ଥାଉ କି ମହାମାରୀ କୋରନାକୁ ଲକ୍ଷ୍ୟ ରଖି ସରକାରଙ୍କ ସମସ୍ତ କୋଭିଡ୍ ଗାଇଡ୍ ଲାଇନ ପାଳନ କରାଯାଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର ଜଣାଇଛନ୍ତି । ଶେଷରେ ଉପସ୍ଥିତ ସମସ୍ତଙ୍କୁ ବିଜୟଲକ୍ଷ୍ମୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

ବିଦ୍ୟାଳୟ ମିଶ୍ରଣକୁ ବିରୋଧ : ଧାରଣାରେ ବସିଲେ ଛାତ୍ର ଓ ଅଭିଭାବକ

ବାଲିଆପାଳ,୦୯।୦୨ (ନି.ପ୍ର): ବିଦ୍ୟାଳୟ ମିଶ୍ରଣକୁ ବିରୋଧ କରି ବାଲିଆପାଳ ବ୍ଲକ ଘଂଟୁଆ ପଂଚାୟତ ଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅଭିଭାବକ ଆଜି ଧାରଣାରେ ବସିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗେଙ୍ଗୁଟିଆ ପ୍ରାଥମିକ ବିଦ୍ୟାଳୟଟି ୬୫ ବର୍ଷର ପୁରୁଣା ସ୍କୁଲ । ଏହି ବିଦ୍ୟାଳୟ ସ୍ଥାନୀୟ ଅଂଚଳର ଅନେକ ଛାତ୍ର ଛାତ୍ରୀଙ୍କୁ ସୁନାଗରିକ, ଶିକ୍ଷାବିତ ଓ ବୁଦ୍ଧିଜିବୀ ସୃଷ୍ଟି କରିଛି । ପିଲା ସଂଖ୍ୟା କମ ଥିବା ଦର୍ଶାଇ ଏହି ସ୍କୁଲକୁ ଅସ୍ତି ପଂଚାୟତର କଂଟାଡିହା ପ୍ରାଥମିକ ବିଦ୍ୟାଳୟ ସହିତ ମିଶ୍ରଣ କରିବା ପାଇଁ ନିକଟରେ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି । ତେବେ କଂଟାଡିହା ପ୍ରାଥମିକ ବିଦ୍ୟାଳୟଟି ଏଠାରୁ ୨ କି.ମି. ଦୂର ଏବଂ ନିଛାଟିଆ ରାସ୍ତା ଅଟେ । ଏହି ରାସ୍ତାରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ସାଙ୍ଗକୁ ମାଙ୍କଡ, ବୁଲା କୁକୁରଙ୍କ ଉତପାତ ପିଲା ଓ ଅଭିଭାବକଙ୍କୁ ଚିନ୍ତାରେ ପକାଇଛି । ସୁରକ୍ଷା ଦୃଷ୍ଟିରୁ ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କୁ କଂଟାଡିହା ସ୍କୁଲକୁ ପଠେଇବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ଛାତ୍ର ଛାତ୍ରୀ ମାନେ ମଧ୍ୟ ସେଠାକୁ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏ ସଂକ୍ରାନ୍ତିୟ ନିଷ୍ପତ୍ତିର ପୁନରବିଚାର କରିବାକୁ ଦାବି କରି ଗ୍ରାମର ପୂର୍ବତନ ସରପଂଚ ରାଜେନ୍ଦ୍ର ପାତ୍ର, ସଂନ୍ଧ୍ୟାରାଣୀ ଗିରି, ବିମଳ ଜେନା, ତରୁଣ ପାତ୍ର, ବେଣୁଧର ଜେନା, ରୂପଶ୍ରୀ ଜେନା, ଝରଣା ମହାପାତ୍ର, ପରମାନନ୍ଦ ଧଳ, ସରିତା ଜେନା, ଉର୍ମୀଳା ଗିରି ପ୍ରମୁଖ ବହୁ ଗ୍ରାମବାସୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିବା ସହିତ ବାଲିଆପାଳ ବି.ଇ.ଓ ଓ ବାଲେଶ୍ୱର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଦାବି ପୂରଣ ନହେଲେ ଆନ୍ଦୋଳନକୁ ଅଧିକ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି । ସେହିପରି ବଳରାମପୁର ପଂଚାୟତ ଅଧିନସ୍ଥ କାଳନ୍ଦା ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ଇଟାପଟୁଆ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରି କାଳନ୍ଦା ଗ୍ରାମବାସୀ ଆଜି ବାଲିଆପାଳ ବି.ଇ.ଓଙ୍କ ଅଫିସ ସାମ୍ନାରେ ଧାରଣାରେ ବସିଥିଲେ । ଗ୍ରାମବାସୀଙ୍କ ସୂଚନା ମୁତାବକ ୧୯୬୨ ମସିହାରେ କାଳନ୍ଦା ଗ୍ରାମରେ ନିମ୍ନ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା । ପରେ ଏହା ପ୍ରାଥମିକ ବିଦ୍ୟାଳୟକୁ ଉନ୍ନିତ ହୋଇଥିଲା । ଏବେ ରାଜନୈତିକ ଉଦ୍ଦେଶ୍ୟ ରଖି ଉକ୍ତ ବିଦ୍ୟାଳୟକୁ ମାତ୍ର ୩୦୦ ମିଟର ଦୂରତାରେ ଥିବା ୨୦୧୦ ମସିହାରେ ପ୍ରତିଷ୍ଠା ହୋଇଥିବା ଇଟାପଟୁଆ ବିଦ୍ୟାଳୟ ସହିତ ମିଶ୍ରଣ ପାଇଁ ଚିଠି ହୋଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

୧.୭୦ଲକ୍ଷ କୋଟିର ଚିଠା...

ଏତେ ବଡ଼ ପରିମାଣର ଋଣ ବୋଝ ଭିତରେ ଆଗାମୀ ବଜେଟ୍ ରାଜ୍ୟ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବାକୁ ଯାଉଛି । ଗୋଟିଏ ପଟେ କେନ୍ଦ୍ରୀୟ ଅନୁଦାନର ଅଂଶଧନ କମିଛି, ଆଉ ଗୋଟିଏ ପଟେ କରୋନା ଯୋଗୁଁ ରାଜ୍ୟର ରାଜସ୍ୱ ଆୟ ସଂକୁଚିତ ହୋଇଛି । ତେଣୁ କେଉଁ ବିଭାଗକୁ ମିଳିବ କେତେ ଗୁରୁତ୍ୱ ? କରୋନା କାଳରେ ସବୁଠାରୁ ଅଧିକ ନିର୍ଭରଶୀଳ ଥିବା ବିଭାଗ, ସ୍ୱାସ୍ଥ୍ୟ ବିଭାଗକୁ ଆଗାମୀ ବଜେଟରେ ଅଧିକ ପ୍ରାଧାନ୍ୟ ମିଳିପାରେ । ୧୦ ହଜାର କୋଟିରୁ ଉର୍ଦ୍ଧ୍ୱର୍ ସ୍ୱାସ୍ଥ୍ୟ ବଜେଟ ହୋଇପାରେ । ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ଓ ସ୍ୱାସ୍ଥ୍ୟ ସେବାକୁ ଆହୁରି ପ୍ରଭାବୀ କରିବା ପାଇଁ ଗୁରୁତ୍ୱ ଦିଆଯାଇପାରେ । ନଗର ଉନ୍ନୟନ ଓ ପଂଚାୟତିରାଜ ବିଭାଗକୁ ମିଳିପାରେ ଗୁରୁତ୍ୱ । ଯେହେତୁ ଆଗକୁ ପୌରନିର୍ବାଚନ ଓ ପଂଚାତୟ ନିର୍ବାଚନ ରହିଛି, ତେଣୁ ଏଥିରେ ଅଧିକ ବ୍ୟୟବରାଦ କରିପାରନ୍ତି ରାଜ୍ୟ ସରକାର । ଏହା ସହିତ କାଳିଆ ଯୋଜନାର ପରବର୍ତ୍ତୀ କିସ୍ତି ପାଇଁ ବ୍ୟବସ୍ଥା କରାଯାଇପାରେ । ମହାନଗର ନିଗମ ଓ ପୌରାଞ୍ଚଳର ଗରିବ ଲୋକଙ୍କ ପାଇଁ ମନରେଗା ଭଳି କାମ ଯୋଗଇବା ପାଇଁ ଏକ ବଡ଼ ଯୋଜନା ଆଣିପାରନ୍ତି ରାଜ୍ୟ ସରକାର । ସେହିପରି ପାନୀୟ ଜଳ, ଗ୍ରାମାଞ୍ଚଳ ବିକାଶ, ଶିକ୍ଷା, କୃଷି, କ୍ଷୁଦ୍ରଶିଳ୍ପ ଉପରେ ରାଜ୍ୟ ସରକାର ଅଧିକ ଫୋକସ୍ କରିପାରନ୍ତି । ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ବଜେଟର ପରିମାଣ ୧ଲକ୍ଷ ୫୦ ହଜାର କୋଟିକୁ ଛୁଇଁଥିଲା । ଯାହା, ପୂର୍ବ ବର୍ଷ ତୁଳନାରେ ୧୧.୫ ପ୍ରତିଶତ ଅଧିକ ଥିଲା । ଆଉ ଆସନ୍ତା ୨୨ ତାରିଖରେ ଉପସ୍ଥାପିତ ହେବାକୁ ଥିବା ବଜେଟର ପରିମାଣ ଗତବର୍ଷ ତୁଳନାରେ ଆହୁରି ବଢ଼ିବ ବୋଲି ଆକଳନ କରାଯାଉଛି ।

ବରିଷ୍ଠ କଂଗ୍ରେସ ନେତା ...

ନେଉଥିବା ବେଳେ ଏହି ପ୍ରସଙ୍ଗ ଉଠାଇଥିଲେ ମୋଦୀ । ପ୍ରଧାନମନ୍ତ୍ରୀ ଏଭଳି ଭାବପ୍ରବଣ ହୋଇଯାଇଥିଲେ ଯେ, ତାଙ୍କ ପାଟିରୁ କଥା ବାହାରିନଥିଲା । ବିରୋଧୀ ନେତାଙ୍କ ଭିତରେ କଡା ବାକ୍ ଯୁଦ୍ଧ ଆପଣ ଅନେକ ସମୟରେ ଦେଖିଥିବେ । ବିଚାରଧାରାର ମତଭେଦ ଭିତରେ କିନ୍ତୁ ପରସ୍ପର ପ୍ରତି ଏଭଳି ସମ୍ମାନର ଦୃଶ୍ୟ ବି ଦେଖିବାକୁ ମିଳେ । ମୋଦୀଙ୍କ ଅଭିଭାଷଣକୁ ଏପଟେ ଗୁଲାମ ନବୀ ଆଜାଦ ବେଶ ଶ୍ରଦ୍ଧାର ସହ ଶୁଣୁଥିଲେ ଏବଂ ହାତଯୋଡି ପ୍ରତିସମ୍ମାନ ଜଣାଉଥିଲେ । ଏବଂ ନିଜ ଅଭିଭାଷଣରେ ସେହି ଘଟଣାକୁ ଉଲ୍ଲେଖ କରିଥିଲେ । ୭୧ବର୍ଷୀୟ ଗୁଲାମ ନବୀ ନିଜ ଅଭିଭାଷଣରେ କହିଥିଲେ ସେ ପାକିସ୍ତାନ ଯାଇନାହାନ୍ତି ଏବଂ ଜଣେ ହିନ୍ଦୁସ୍ଥାନୀ ମୁସଲିମ ହୋଇଥିବାରୁ ଗର୍ବ ଅନୁଭବ କରୁଛନ୍ତି । ଯଦି ଜଣେ ମୁସଲିମ ଗର୍ବ ଅନୁଭବ କରିପାରିବେ, ସେ ହେଉଛି ଜଣେ ଭାରତୀୟ ମୁସଲିମ ।

ଆସନ୍ତା କାଲି ବିଶ୍ୱ ଦୀର୍ଘସ୍ଥାୟୀ ....

ଗୁଆନା ସମବାୟ ଗଣରାଜ୍ୟର ମହାମହିମ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ଇରଫାନ ଅଲି; ପାପୁଆ ନ୍ୟୁ ଗିନିଆର ପ୍ରଧାନମନ୍ତ୍ରୀ ମାନ୍ୟବର ଜେମ୍ସ ମାରାପେ; ମାଳଦ୍ୱୀପ ଗଣରାଜ୍ୟ ପିପୁଲସ ମଜଲିସ୍ର ବାଚସ୍ପତି ଶ୍ରୀ ମହମ୍ମଦ ନାସିଦ; ମିଳିତ ଜାତିସଂଘର ଡେପୁଟି ସେକ୍ରେଟାରୀ ଜେନେରାଲ ଶ୍ରୀମତୀ ଅ

ବୁଧବାର, ୧୦ ଫେବୃୟାରୀ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାନ ନିରୁପଣ ନେଇ ତେଜିଲା ବିବାଦ

ନୀଳଗିରି,୦୯।୦୨ (ନି.ପ୍ର): ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୁପଣ ପାଇଁ ୨ଗୋଷ୍ଠି ଏବେ ନୀଳଗିରି ଉପଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବା ବେଳେ ସ୍ଥାନକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇ ବିବାଦ ତେଜିବାରେ ଲାଗିଛି। ଫଳରେ ଅଙ୍ଗନୱାଡି ଗୃହ ନିର୍ମାଣରେ ବିବାଦିୟ ପରିସ୍ଥିତି ଦେଖାଦେଇଛି। ନୀଳଗିରି ବ୍ଲକ ଅଧିନସ୍ଥ ଧୋବଶିଳା ପଂଚାୟତର ଏକ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣର ସ୍ଥାନ ନିରୁପଣ ପାଇଁ ଗୋଟାଏ ପକ୍ଷ ବଗିଝସାହିରେ ନିର୍ମାଣ ପାଇଁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରି ଅଡି ବସିଥିବା ବେଳେ ଅପରଗୋଷ୍ଠୀ ଅର୍ଥାତ ଅନ୍ଧାରିସାହି ଗ୍ରାମବାସୀ ମାନେ ଉକ୍ତ ଗ୍ରାମରେ କେନ୍ଦ୍ରଟିକୁ ନିର୍ମାଣ ପାଇଁ ଅଡି ବସିଛନ୍ତି। ସୂଚନା ଅନୁଯାୟୀ ୨୦୧୬ ମସିହାରେ ତତ୍କାଳିନ ନୀଳଗିରି ତହସିଲଦାରଙ୍କ ନିର୍ଦ୍ଦେଶରେ ମିତ୍ରପୁର ଆର.ଆଇ. ଧୋବଶିଳା ମୌଜାର ଖାତା ୮୧୫, ପ୍ଲଟ ୫୪୪ ରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ସ୍ଥାନ ନିରୁପଣ କରିଥିଲେ। ମାତ୍ର ଏହାକୁ ବେଖାତିର କରି ସଂପୃକ୍ତ ଜେ.ଇ. ଅଶୋକ ମହାନ୍ତି ଅନ୍ଧାରି ପୋଖରି ଆଡ଼ିରେ ନିଜ ଇଚ୍ଛାରେ ଲେଆଉଟ ଦେଇଥିବା ନେଇ ଅଭିଯୋଗ ହୋଇଛି। ଅପରପକ୍ଷରେ ଅନ୍ଧାରି ସାହି ଗ୍ରାମବାସୀ ଅନୁରୂପ ଭାବେ ବଗିଚା ସାହିରେ ଉକ୍ତ କେନ୍ଦ୍ର ନିର୍ମାଣକୁ ବିରୋଧ କରି ଅନ୍ଧାରି ସାହିରେ ନିର୍ମାଣ ହେଉ ବୋଲି ନୀଳଗିରି ଉପଜିଲ୍ଲାପାଳ, ବି.ଡି.ଓ. ଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ସରକାର ଅନ୍ଧାରିସାହିର ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଉକ୍ତ ସାହିରେ ୧୦୦ ରୁ ଅଧିକ ଶିଶୁ ରହିଛନ୍ତି। ପିଲାସଂଖ୍ୟା ଦୃଷ୍ଟି ବଗିଝସାହି ଓ ଅନ୍ଧାରିସାହିକୁ ନେଇ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଆସିଥିବା ବେଳେ ପିଲା ସଂଖ୍ୟା ଦୃଷ୍ଟିରୁ ଅନ୍ଧାରିସାହିରେ ଅଧିକ ଥିବା ବେଳେ ଉକ୍ତ କେନ୍ଦ୍ର ନିର୍ମାଣ କରିବା ପାଇଁ ବଗିଝସାହିରେ ଜାଗା ନ ଥିବା ର ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅନ୍ଧାରିସାହିରେ ଉକ୍ତ କେନ୍ଦ୍ର ନିର୍ମାଣ ପାଇଁ ପ୍ରଶାସନ ତରଫରୁ ତଦନ୍ତ କରାଯାଇ ସ୍ଥିରକୃତ ହୋଇଥିବାର ଜଣାପଡ଼ିଛି।

ବାଲେଶ୍ୱର ସହରରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ଆରମ୍ଭ

ବାଲେଶ୍ୱର,୦୯।୦୨ (ନି.ପ୍ର): ପୂର୍ବ ଘୋଷଣା ଅନୁସାରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ବାଲେଶ୍ୱର ସହରର ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା। ସହରର ପାଣିଟାଙ୍କିରୁ କଲେଜ ଛକ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଉଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସଦର ଏଡିସନାଲ ତହସିଲଦାର ଅତନୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟୁନସିପାଲଟି କର୍ମଚାରୀମାନେ ଏହି ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ପ୍ରାରମ୍ଭରୁ ଏହି ଉଚ୍ଛେଦକୁ ଦୋକାନୀଙ୍କ ସମେତ ସାଧାରଣରେ ବେଶ ସ୍ୱାଗତ କରାଯାଇଥିଲା। ମାତ୍ର ଉଚ୍ଛେଦ କାର୍ଯ୍ୟ ପୁଲିସ କଲୋନି ଗେଟ ପାଖରେ ପହଞ୍ଚିଥିବା ବେଳେ ସେଠାରେ ଥିବା ଦୋକାନୀମାନେ ଏହାକୁ ବିରୋଧ କରିଥିଲେ। କରୋନା ସ୍ଥିତିରେ ସେମାନଙ୍କ ଆର୍ଥିକ ଅବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡ଼ିଥିବା ବେଳେ ଏବେ ଏହି ଉଚ୍ଛେଦ ଯୋଗୁଁ ପରିବାର ଚଳିବା କଷ୍ଟକର ହୋଇପଡ଼ିବ ବୋଲି ଦୋକାନୀମାନେ କହିଥିଲେ। ଅନ୍ୟପକ୍ଷରେ ରାସ୍ତା ପାର୍ଶ୍ୱରେ ଦୋକାନ କରିଥିବା ଯୋଗୁଁ ସେମାନାନେ ପ୍ରତ୍ୟେକ ଦିନ ୧୦ ଟଙ୍କା ହିସାବରେ ମାସିକ ୩ଶହ ଟଙ୍କା ମ୍ୟୁନିସିପାଲଟିକୁ ଟିକସ ଆକାରରେ ଭଡ଼ା ମଧ୍ୟ ଦେଉଛନ୍ତି। ଏଭଳି ସ୍ଥିତିରେ ଦୋକାନୀଙ୍କୁ ଆଗ ଅନ୍ୟତ୍ର ଥଇଥାନ କରିବା ପରେ ଉଚ୍ଛେଦ ପାଇଁ ସେମାନେ ଦାବି କରିଥିଲେ। ଦୋକାନୀଙ୍କୁ ଦୃଢ଼ ବିରୋଧ ଯୋଗୁଁ କିଛି ସମୟ ପାଇଁ ଉଚ୍ଛେଦ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ତେବେ ଖବର ପାଇ ଟାଉନଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଦଳବଳ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଦୋକାନୀଙ୍କୁ ବୁଝାସୁଝା କରିଥିଲେ। ପରେ ପରିସ୍ଥିତି ଶାନ୍ତ ହେବା ସହ ପୂର୍ବଭଳି ଉଚ୍ଛେଦ ଜାରି ରହିଥିଲା। ସଂଧ୍ୟା ସୁଦ୍ଧା ସିନେମାଛକ ପର୍ଯ୍ୟନ୍ତ ଡାକ୍ତରଖାନା ରାସ୍ତାର ଉଭୟ ପାର୍ଶ୍ୱରେ ଉଚ୍ଛେଦ କରାଯାଇଥିବା ଦେଖିବାକୁ ମିଳିଥିଲା। ଦୋକାନୀମାନେ ସ୍ୱତସ୍ଫୁତ ଭାବେ ଦୋକାନ ଭାଙ୍ଗି ସେମାନଙ୍କର ସାମଗ୍ରୀ ସବୁ ବୋହି ନେଇ ଯାଇଥିଲେ। କେବଳ ଏହି ରାସ୍ତା ନୁହେଁ ଆଗାମୀ ଦିନରେ ସହରର ଅନ୍ୟାନ୍ୟ ରାସ୍ତାରେ ବି ଉଚ୍ଛେଦ ହେବ ବୋଲି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସଦର ଏଡିସନାଲ ତହସିଲଦାର ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ତେବେ ଆଜିର ଏହି ଉଚ୍ଛେଦ ବେଳେ ପୌରପାଳିକାର କର୍ମଚାରଙ୍କ ସମେତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲା।

ଧାନକିଣାରେ ଅନିୟମିତତା ନେଇ ଦୁଇ ସମ୍ପାଦକଙ୍କୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଦେଲେ ଡିଆରସି

ଖଇରା,୯।୦୨:(ନିପ୍ର) ଧାନ କିଣାରେ ଅନିୟମିତତା ନେଇ ଦୁଇ ସମ୍ପାଦକଙ୍କୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଦେଲେ ଡିଆରସି। ଖଇରା ବ୍ଲକ ଗଡପୋଖରୀ ଓ ମାଣିତ୍ରୀ ସେବାସମବାୟ ସମିତିରେ ଧାନ କିଣାରେ ବ୍ୟାପକ ଅନିୟମିତତା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ସମିତିରେ ନାଁ ନଥାଇ ଧାନ ଦେବା ଜଣେ ଚାଷିକୁ ଦୁଇ ରୁ ତିନି ଟୋକନ ଦେବା, ଧାନ କିଣାରେ ତାରିଖ ହୋଇଥିଲେ ମଧ୍ୟ ଚାଷୀଙ୍କ ପାଖରୁ ଧାନ ନନେବା ,ପଞ୍ଜିକରଣ ନଥାଇ ସେମାନଙ୍କ ନାଁରେ ଧାନ ଦେବା ନେଇ ଚାଷିମାନେ ଜିଲ୍ଲା ପ୍ରଶାସନ ନିକଟରେ ଦୀର୍ଘଦିନ ଧରି ଅଭିଯୋଗ କରିଥିଲେ । ଜିଲ୍ଲା ପ୍ରଶାସନ ଚାଷିଙ୍କର ଅଭିଯୋଗ ମୂଳେ ତଦନ୍ତ କରି ଚିଠି ନମ୍ବର ୩୭୭ ଏଆରସିସି ଭଦ୍ରକ ନିକଟକୁ ଗଡପୋଖରୀ ସେବାସମବାୟ ସମିତି ସମ୍ପାଦକ ମାନସ ସାହୁ ଓ ମାଣିତ୍ରି ସେବା ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ବିଭୂତି ଭୂଷଣ ରାଉତକୁ ନିଲମ୍ବିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏ ବିଷୟରେ ଭଦ୍ରକ ଏଆରସିସି ଓ ବାଲେଶ୍ୱର ଡିଆରସିଙ୍କ ସହ ଯୋଗାଯୋଗ ହୋଇପାରିନଥିଲା ।

ନୀଳଗିରି ତ୍ରିଦିବସୀୟ ପ୍ରିମିୟର ଲିଗ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ନୀଳଗିରି,୦୯।୦୨ (ନି.ପ୍ର): ନୀଳଗିରି ମିନିଷ୍ଟାଡିୟମରେ ତାପସ ପରିଡା ଓ ତାଙ୍କ ସହଯୋଗୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବୋଧାନରେ ତ୍ରି ଦିବସୀୟ ଫୁଟବଲ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଟୁର୍ଣ୍ଣାମେଂଟରେ ୧୬ଗୋଟି ଟିମ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ରାଜୀବ ସାହୁ ଯୋଗଦେଇ ଖେଳକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଖେଳାଳି ମାନେ ଖେଳୁଆଳ ମନୋଭାବ ରଖି ଖେଳ ପ୍ରଦର୍ଶନ କଲେ ଭବିଷ୍ୟତରେ ଜଣେ ବଡ ଖେଳାଳି ହୋଇପାରିବ , ସମ୍ମାନୀତ ଅତିଥି ଜିଲ୍ଲା ଖେଳ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ଶାରିରୀକ ପ୍ରଶିକ୍ଷିଣ ଅଧିକାରୀ ଅଶୋକ ନାୟକ, ଉଦ୍ୟଗୋପତି ସଂଗ୍ରାମ ଦାସ, ସାମ୍ବାଦିକ ଲୋକନାଥ ଦଳେଇ,ଖିପଦା ବ୍ଲକ ଯୁବ ବିଜେଡି ସଭାପତି ବିଜୟ ପ୍ରଧାନ, ଦିପୁ ରାଉତ, କପିଳ ସାମଲ, ପ୍ରତିକ୍ଷା ସିଂ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତବ୍ୟକ୍ତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଚଲଣାପାଳ ଓ କାଦୁଆଣି ଫୁଟବଲ ଟିମ୍ ସେମୀ ଫାଇନାଲକୁ ଉନ୍ନତି ହୋଇଛନ୍ତି । ଖେଳକୁ ହରିନାରାୟଣ ସିଂ,ସଂଜୟ ଚାଟାର୍ଜୀ ପରିଚାଳନା କରିଥିଲା ବେଳେ ମନୋରଂଜନ ଦାସବାବୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ପାରାଦୀପ ବିଜୟଚନ୍ଦ୍ରପୁରର ଗାୟତ୍ରୀ ନଗର ରାସ୍ତା ଉଦ୍‌ଘାଟିତ

ପାରାଦୀପ ,୦୯।୦୨ (ନି.ପ୍ର): ପାରାଦୀପ ନିକଟସ୍ଥ ତାରେଣୀଗଡା ବିଜୟଚନ୍ଦ୍ରପୁରରେ ବହୁ ସ୍ଥାନୀୟ ଅଧିବାସୀମାନେ ନିଜସ୍ୱ ଘର ନିର୍ମାଣ କରି ରହି ଆସଚ୍ଛନ୍ତି । କିନ୍ତୁ ଏହି ଅଂଚଳରେ ସାଧାରଣ ଗମନାଗମନ ପାଇଁ ସୁଚିନ୍ତିତ ରାସ୍ତାଘାଟ ନାହିଁ । ଏଠାରେ ଲୋକେ ନିଜସ୍ୱ ଜମି କିଣୁଥିବା ବେଳେ, ସାଧାରଣ ରାସ୍ତା ପାଇଁ କିଛି ଜାଗା ପାନ କରିଥାନ୍ତି । ତେବେ ବିଜୟଚନ୍ଦ୍ରପୁର ନାଗରିକ ପରିଷଦର ପ୍ରଚେଷ୍ଟା ଫଳରେ ୩୦ରୁ ୪୦ଲକ୍ଷ ଟଙ୍କା ବ୍ୟୟରେ ସାଧାରଣ ଯାତାୟତ ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି । ଏହି ଅବସରରେ ଏକ ରାସ୍ତା ଉଦ୍‌ଘାଟନ ଉତ୍ସବ ଅନ୍ତେବାସୀମାନେ ଆୟୋଜନ କରିଥିଲେ। ଏହି ସଭାରେ ପରିଷଦର ବରିଷ୍ଠ ସଦସ୍ୟ ପ୍ରସନ୍ନ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ବିଜୟଚନ୍ଦ୍ରପୁର ନାଗରିକ ପରିଷଦର ସଭାପତି ପ୍ରଭାତ କୁମାର ନନ୍ଦୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସବିତା ମହାପାତ୍ର, ଆଭାସ ଚନ୍ଦ୍ର ଚୌଧୁରୀ, ସୌମ୍ୟରଂଜନ କାନୁନ୍‌ଗୋ ପ୍ରମୁଖ ଯୋଗାଦେଇ ଗ୍ରାମର ସୁରକ୍ଷା ତଥା ବିକାଶ ଉପରେ କିପରି ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ବକ୍ତବ୍ୟରେ ନିଜର ମତାମତ ରଖିଥିଲେ ।

ବାଲିଆପାଳ କଳାକାର ସଂଘ ପକ୍ଷରୁ ଦୁସ୍ଥ, ଅସହାୟ କଳାକାରଙ୍କୁ କମ୍ବଳ ଓ ଅର୍ଥିକ ସହାୟତା ପ୍ରଦାନ

ବାଲିଆପାଳ,୦୯।୦୨ (ନି.ପ୍ର): ବାଲିଆପାଳ କଳାକାର ସଂଘର ଏକ ବୈଠକ ସଂଘର ସଭଅପତି ଝାଡେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ସିମୁଳିଆସ୍ଥିତ ମଠଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ୭ ଜଣ ଦୁସ୍ଥ ଓ ଅସହାୟ ବୃଦ୍ଧ କାଳାକରଙ୍କୁ ସଂଘ ପକ୍ଷରୁ କମ୍ବଳ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୂରାତନ କଳାକାର ପ୍ରଫୁଲ ବାଗ, ରାଧାରମଣ ରାଉତ, ପ୍ରକାଶ ପ୍ରଧାନ, ଗିରିଧାରୀ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

ପିଇବାପାଣି ପାଇପ୍ କାଟିବାରୁ ସରପଂଚଙ୍କ ଥାନାରେ ମାମଲା

ଜଳେଶ୍ୱର, ୯/୨ (ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନଛିମପୁର ଗ୍ରାମର ଥିବା ପିଇବାପାଣି ପାଇପ୍‌କୁ କିଛି ଅସାମାଜିକ ଲୋକେ କାଟି ଦେବା ନେଇ ଜଳେଶ୍ୱର ଥାନାରେ ମାମଲା ରୁଜୁ ହୋଇଛି । ଘଟଣାରୁ ପ୍ରକାଶ, ନଛିମପୁର ଗ୍ରାମର କେତେକ ଲୋକ ସରପଂଚ କିମ୍ବା ବିଡିଓଙ୍କ ଅଗୋଚରରେ ଯୋରଜବରଦସ୍ତ ଶାହାଡାପଡାର ଜଗନ୍ନାଥ ଗିରିଙ୍କ ଘର ଠାରୁ ନଛିମପୁରର କାର୍ତ୍ତିକ ଚନ୍ଦ୍ର ସିଂହଙ୍କ ଘର ପର୍ଯ୍ୟନ୍ତ ପିଇବାପାଣି ପାଇପ୍ ଲାଇନ୍‌କୁ କାଟି ଅନ୍ୟଏକ ନୂତନଭାବେ ସଂଯୋଗ କରିବା 'ଳରେ ପଂଚାୟତର ଲୋକମାନେ ପାଣି ପାଇବାରୁ ବଂଚିତ ହୋଇଛନ୍ତି। ଏ ନେଇ ନଛିମପୁର ସରପଂଚ ଦୀପାଳି ଜେନାଙ୍କ ଅଭିଯୋଗ ମୂଳେ ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଜଣାଯାଇଛି ।

ଉଧାର ଟଙ୍କା ମାଗିବାରୁ ମରଣାନ୍ତକ ଆକ୍ରମଣ

ଜଳେଶ୍ୱର, ୯/୨ (ନିପ୍ର) : ଉଧାର ନେଇଥିବା ୭୦ହଜାର ଟଙ୍କା ମାଗିବାରୁ ଯୋଜନାମୂଳକ ଭାବେ ଅତର୍କିତ ଆକ୍ରମଣ କରିବାରୁ ଜଣେ ଯୁବକ ଗୁରୁତର ହୋଇ ଜଳେଶ୍ୱର ହସ୍‌ପିଟାରେ ଚିକିତ୍ସିତ ହୋଇଛନ୍ତି। ଘଟଣାରୁ ପ୍ରକାଶ ବସ୍ତା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ ଦୁଲାଲ ମଜୁନ୍‌ଦାରଙ୍କ ପୁତ୍ର ସମ୍ପଦ ମଜୁନ୍‌ଦାର ଜଳେଶ୍ୱର ଥାନା ଅଧିନ ଆମ୍ବଳିଅଠାସ୍ଥିତ ମା ବାସନ୍ତୀ ମୋଟର୍ସରେ ସେଲସ୍ ମ୍ୟାନେଜରଭାବେ କାର୍ଯ୍ୟ କରନ୍ତି। କଲିକତାରେ ବିବାହ ହୋଇଥିବା ଖୁଲୁଡା ଗ୍ରାମର ଗୀତା ଦାସ ତାଙ୍କ ପିଉସୀଘର ଭେଲୋରରେ ଦୀର୍ଘଦିନରୁ ରହିଆସୁଥିଲେ । ପର୍ଯ୍ୟାୟକ୍ରମେ ତାଙ୍କର ସମ୍ପଦ ମଜୁନଦାରଙ୍କ ସହିତ ସହମତିରେ ସମ୍ପର୍କ ସୃଷ୍ଟି ହୋଇଥିଲା । ଗୀତା ତାର ଆର୍ଥୀକ ଅସହାୟତା ଦର୍ଶାଇବାରୁ ଶ୍ରୀ ମଦୁନ୍‌ଦାର ତାଙ୍କୁ ୭୦ହଜାର ଟଙ୍କା ହାତ ଉଧାରୀ ଦେଇଥିଲେ । ପରବର୍ତ୍ତୀ ସମୟରେ ଉକ୍ତ ହାତଉଧାରୀ ଟଙ୍କା ମାଗିବାରୁ ସେ ପିଣ୍ଟୁ ତରାଇ ନାମକ ଜଣେ ଭଡାଟିଆ ଗୁଣ୍ଡାଙ୍କୁ ଧରି ଆଜି ତାଙ୍କ ସୋ ରୁମ ନିକଟରେ ଆକ୍ରମଣ କରିଥିଲା । ଆଜି ସକାଳ ୧୦ଟା ବେଳେ ସମ୍ପଦ ନିଜ ବାଇକ୍‌ରେ ଆସି ସୋ ରୁମ୍ ନିକଟରେ ପହଞ୍ଚିଲା ବେଳକୁ ଅନ୍ୟଏକ ବାଇକ୍ ଡି୧୧ଭି୦୧୦୮ରେ ଆସି ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଗିତୀ ଦାସ ଓ ପିଣ୍ଟୁ ତରାଇ ଅତର୍କୀତ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସିତ କରାଇବା ପରେ ଥାନାରେ ମାମଲା ରୁଜୁ ହୋଇଥିଲା ।

ପୂର୍ବତନ ପ୍ରଧାନଶିକ୍ଷକ ହଷ୍ଟେଲ ଟଙ୍କା ଆତ୍ମସାତ ନେଇ ଗ୍ରାମବାସୀଙ୍କ ଅଭିଯୋଗ

ନୀଳଗିରି,୦୯।୦୨ (ନି.ପ୍ର): ଧୋବଶିଳାର ଉଦୟନାରାୟଣ ବିଦ୍ୟାପୀଠ ପୂର୍ବତନ ପ୍ରଧାନଶିକ୍ଷକ ସୁରେଶ କୁମାର ଦାସ ହଷ୍ଟେଲ ଟଙ୍କା ଆତ୍ମସାତ କରିଥିବା ନେଇ ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ ସମୟରେ ଗ୍ରାମବାସୀମାନେ ନୀଳଗିରି ଉପଜିଲ୍ଲାପାଳଙ୍କ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ଉଦୟ ନାରାୟଣ ବିଦ୍ୟାପୀଠରେ ଏକ ହଷ୍ଟେଲ ରହିଛି। ଉକ୍ତ ହାଇସ୍କୁଲର ହଷ୍ଟେଲ ଅନ୍ତେବାସୀମାନଙ୍କ ପାଇଁ ସରକାରଙ୍କ ତରଫରୁ ଅନୁଦାନ ଆସୁଥିବା ବେଳେ ଉକ୍ତ ଅନୁଦାନ ଅର୍ଥ ପ୍ରଧାନଶିକ୍ଷକଙ୍କ ଆକାଉଂଟକୁ ଆସିଥାଏ । ହଷ୍ଟେଲକୁ ଗତ ୩୧.୦୮.୨୦ ରିଖରେ ସରକାରଙ୍କ ପକ୍ଷରୁ ୯୦ହଜାର ଟଙ୍କା ଆସିଥିଲା । ପ୍ରଧାନଶିକ୍ଷକ ସ୍କୁଲ କମିଟିର ସଭାପତି କିମ୍ବା ସଦସ୍ୟମାନଙ୍କୁ ନ ଜଣାଇ ଉକ୍ତ ଟଙ୍କାରୁ ୨୫ହଜାର ଟଙ୍କା ଉଠାଇ ଆତ୍ମସାତ କରିଥିବା ନେଇ ଧୋବଶିଳା ସରପଂଚ ମାଳତୀ ସିଂ, ଶରତ ରାଉଳ, ଜୟନ୍ତି ମଲ୍ଲିକ, ନିତ୍ୟାନନ୍ଦ ସିଂ, ନିରଂଜନ ମହାନ୍ତି, କରୁଣାକର ସ, ପାଗୁଲୁ ସିଂ, ସମେତ ବହୁ ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି । ଘଟଣା ବାବଦରେ ପୂର୍ବତନ ପ୍ରଧାନଶିକ୍ଷକ ସୁରେଶ କୁମାର ଦାସଙ୍କୁ ପଚାରିବାରୁ ଘଟଣାଟି ସଂପୂର୍ଣ୍ଣ ମିଥ୍ୟା ବୋଲି ସୂଚନା ଦେଇଛନ୍ତି ।

ସଡ଼କ ସୁରକ୍ଷା ସଚେତନତା ସଭା

ଭଦ୍ରକ,୦୯।୦୨ (ନି.ପ୍ର): ଆଜି ଜିଲ୍ଲା ସଡ଼କ ସୁରକ୍ଷା ସମିତି ଆନୁକୂଲ୍ୟରେ ରୋଟାରୀ କ୍ଲବ୍ ମିଡଟାଉନ ଓ ବିନାୟକ ଡିଗ୍ରୀ କଲେଜ ପକ୍ଷରୁ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଉପଲକ୍ଷେ ଏକ ସଚେତନତା ସଭା ଆରଡିଛକ ସ୍ଥିତ ସାଇ ବିନାୟକ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ରୋଟାରିଆନ ଅତିଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ସନତ କୁମାର ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସଡକ ସୁରକ୍ଷା ସଚେତନତା ସପ୍ତାହ ପାଳନର ବିଭିନ୍ନ ସଚେତନତା ଦିଗ ଉପରେ ଆଲୋକପାତ କରିଥିଲେ । ରାସ୍ତାରେ ଗାଡି ଚଳାଇବା ସମୟରେ ସରକାରଙ୍କ ପକ୍ଷରୁ ପ୍ରଣୟନ ଆଇନ ପ୍ରତି ସଚେତନ ହେବା ସହ ନିୟମକାନୁନ୍ ପାଳନ କରିବାକୁ କଲେଜର ଛାତ୍ରଛାତ୍ରୀଙ୍କୁ ଆର୍‌ଟିଓ ଶ୍ରୀ ଜେନା ପରାମର୍ଶ ଦେଇଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ବୈଦେଶିକ ବ୍ୟାପାର କାର୍ଯ୍ୟାଳୟ ଉଦଘାଟିତ

ବାଲେଶ୍ୱର,୦୯।୦୨ (ନି.ପ୍ର): ଫକୀରେମୋହନ ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁଙ୍କ ଦ୍ୱାରା ବୈଦେଶିକ ବ୍ୟାପାର କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଏହି ଅବସରରେ ସେ ବିଦ୍ୟାର୍ଥୀମାନଙ୍କୁ ସଂବୋଧନ କରି ସାଂପ୍ରତିକ ସମୟରେ ଶିକ୍ଷା ଭବିଷ୍ୟତର ମାନଦଣ୍ଡ ଏବଂ ଏହା ଆଂଚଳିକତାର ସୀମା ଭିତେର ଆବଦ୍ଧ ହୋଇ ଆଉ ରହିନାହିଁ ଏହା ବିଶ୍ୱାୟିତ ହେବାରେ ଲାଗିଛି ବୋଲି ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷକ ଓ ବିଦ୍ୟାର୍ଥୀମାନେ ଆନ୍ତର୍ଜାତିକ ସ୍ତରରେ ଜ୍ଞାନବିଜ୍ଞାନର ଆଦାନ ପ୍ରଦାନ କରିବାର ସୁଯୋଗ ପାଇପାରିବେ ବୋଲି ସେ ମତ ଦେଇଥଲେ। ଏହାର ମୁଖ୍ୟ ଉଦ